ସକାଳ THE SAKALA
ରବିବାର
ନଭେମ୍ବର ୧- ୭, ୨୦୨୬
www.sakalaepaper.com

ଭାରତ-ଚୀନ ସୀମାକୁ ନେଇ ବିବାଦ । ତୁଟୁନି ସୀମା ବିବାଦ । ଉତ୍ତେଜନା ଯୋଗୁଁ ଅଶାନ୍ତ ହୋଇଉଠୁଛି ସୀମା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ । ଦୁଇ ଦେଶର ସୈନିକଙ୍କ ମଧ୍ୟରେ ଲାଗି ରହୁଛି ଖଣ୍ଡଯୁଦ୍ଧ । ଭାରତ-ଚୀନ ସୀମାରେ ପୁଣି ଉତ୍ତେଜନା । ଗତ ଅକ୍ଟୋବରରେ ଅରୁଣାଚଳ ପ୍ରଦେଶ ସୀମାରେ ଉଭୟ ଦେଶର ସେନା ମୁହାଁମୁହିଁ ହୋଇଥିଲେ । ଭାରତ ଓ ଚୀନ୍ ମଧ୍ୟରେ ଦୀର୍ଘବର୍ଷ ଧରି ସୀମା ବିବାଦ ଲାଗି ରହିଛି । ତେବେ କାହିଁକି ବାରମ୍ବାର ସୀମାରେ ଲାଗି ରହୁଛି ଉତ୍ତେଜନା ? ଏହା ପଛରେ କ'ଣ କାରଣ ରହିଛି ? କାହିଁକି ତୁଟୁନି ସୀମା ବିବାଦ ? ଭାରତ-ଚୀନ ସୀମା ବିବାଦର ବିଭିନ୍ନ ଦିଗକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ ।

ପ୍ରସ୍ତୁତି : 'ସକାଳ ବ୍ୟୁରୋ'

ଭାରତ-ଚୀନ ସୀମା ବିବାଦ

ଭାରତ ଓ ଚୀନ୍ ମଧ୍ୟରେ ଦୀର୍ଘବର୍ଷ ଧରି ସୀମା ବିବାଦ ଲାଗି ରହିଛି । ବିଭିନ୍ନ ସମୟରେ ସୀମାରେ ଉଭୟ ଦେଶର ସୈନିକମାନଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଲାଗି ରହିଛି । ଅରୁଣାଚଳ ପ୍ରଦେଶ ସୀମାରେ ଭାରତ-ଚୀନ ସେନା ପୁଣି ମୁହାଁମୁହିଁ ହୋଇଛନ୍ତି । ଏହା ପ୍ରଥମ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ଉଭୟ ଦେଶର ସେନା ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ୨୦୨୦ ମସିହାରେ ଗଲୱାନ୍ ଘାଟିରେ ହୋଇଥିବା ରକ୍ତାକ୍ତ ସଂଘର୍ଷ ପରେ ଉଭୟ ଦେଶର ସଂପର୍କରେ କିଛି ସୁଧାର ଆସିଥିଲା । ଗତ ଅଗଷ୍ଟରେ ଭାରତ-ଚୀନ ପ୍ରତିନିଧିଙ୍କ ସାକ୍ଷାତ ପରେ ସଂପର୍କ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଥିଲା । ତେବେ ଛଅ ବର୍ଷର ବ୍ୟବଧାନ ପରେ ପୁଣି ସୀମାରେ ଉଭୟ ଦେଶ ସେନା ମଧ୍ୟରେ ସଂଘର୍ଷ ହୋଇଛି । ଭାରତ-ଚୀନ ସୀମା ବିବାଦକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।


ଦୀର୍ଘଦିନର ବ୍ୟବଧାନ ପରେ ଅରୁଣାଚଳ ପ୍ରଦେଶ ସୀମାରେ ଭାରତ-ଚୀନ ମଧ୍ୟରେ ପୁଣି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି । ୨୨ ଅକ୍ଟୋବର ୨୦୨୬ରେ ଏ ନେଇ ଭାରତ-ତିବ୍ବତ ସୀମା ପୁଲିସ ମୁଖ୍ୟ ଶତ୍ରୁଜିତ କପୁର ସୂଚନା ଦେଇଥିଲେ । ୧୯୬୨ ମସିହା ଉଭୟ ଦେଶ ମଧ୍ୟରେ ପ୍ରଥମ ଯୁଦ୍ଧ ହୋଇଥିଲା । ଏହାପରେ ଉଭୟ ଦେଶର ସେନା ଅନେକ ଥର ମୁହାଁମୁହିଁ ହୋଇଛନ୍ତି । ଉଭୟ ପକ୍ଷରୁ ଗୁଳି ବିନିମୟ ମଧ୍ୟ ହୋଇଛି । ଦୁଇ ଦେଶର ଅନେକ ସେନାଙ୍କ ମୃତ୍ୟୁ ହୋଇଛି । ବାରମ୍ବାର ଦ୍ୱିପାକ୍ଷିକ ଶାନ୍ତି ଆଲୋଚନା ବିଫଳ ହେଉଛି । ଫଳରେ ଭାରତ-ଚୀନ ସୀମାରେ ଉତ୍ତେଜନା ଲାଗି ରହୁଛି ।

ଭାରତ-ଚୀନ ମଧ୍ୟରେ ପ୍ରାୟ ୩୪୮୮ କିଲୋମିଟର ଲମ୍ବା ସୀମା ରେଖା ରହିଛି । ଏହାକୁ ଏଲ୍‌ଏସି ବା ବାସ୍ତବିକ ନିୟନ୍ତ୍ରଣ ରେଖା କୁହାଯାଏ । ପୂରା ସୀମା ରେଖାକୁ ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରାଯାଇଛି । ପଶ୍ଚିମ କ୍ଷେତ୍ର, ମଧ୍ୟ କ୍ଷେତ୍ର ଓ ପୂର୍ବ କ୍ଷେତ୍ର । ପଶ୍ଚିମ କ୍ଷେତ୍ର ଏକ ବିବାଦୀୟ କ୍ଷେତ୍ର । ଏହି କ୍ଷେତ୍ରରେ ଅକ୍ସାଇ ଚୀନ କ୍ଷେତ୍ର ସାମିଲ ହୋଇଛି । ଏହି କ୍ଷେତ୍ର ମୂଳତଃ ଜମ୍ମୁ ଓ କାଶ୍ମୀରର ଅଂଶ ଥିଲା, ଯେଉଁ କ୍ଷେତ୍ରକୁ ଚୀନ ନିଜ ସ୍ୱାୟତ୍ତ ଶିନଜିୟାଙ୍ଗ କ୍ଷେତ୍ର ଭାବରେ ସ୍ୱୀକାର କରୁଥିଲା । ଏହା ଏକ ନିର୍ଜନ ଭୂମି । ଏହି ଅଞ୍ଚଳକୁ ଭାରତ ଲଦ୍ଦାଖର ଅଂଶ ବୋଲି ସ୍ୱୀକାର କରିଥାଏ ।

ମଧ୍ୟ କ୍ଷେତ୍ର ସୀମା ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶ ସଂଲଗ୍ନ ପ୍ରାୟ ୬୨୫ କିଲୋମିଟର ଲମ୍ବା ପରିବ୍ୟାପ୍ତ । ଏହି କ୍ଷେତ୍ର ସବୁଠାରୁ ଶାନ୍ତିପୂର୍ଣ୍ଣ । ତେବେ ଉତ୍ତରାଖଣ୍ଡର ବାରାହୋତି ସମତଳ ଅଞ୍ଚଳ ଏବଂ ନେଲାଙ୍ଗ ଘାଟିକୁ ନେଇ ବିବାଦ ଲାଗିରହିଛି । ତେବେ ଏହି ଅଞ୍ଚଳରେ ସେନା ସଂଘର୍ଷ ବହୁତ କମ୍ ହୋଇଥାଏ ।

ସିକ୍କିମ ଏବଂ ଅରୁଣାଚଳ ପ୍ରଦେଶରୁ ସଂଲଗ୍ନ ୧୧୪୦ କିଲୋମିଟର ସୀମା ପର୍ଯ୍ୟନ୍ତ ପରିବ୍ୟାପ୍ତ ପୂର୍ବ କ୍ଷେତ୍ର । ଏହି ଅଞ୍ଚଳ ଅତ୍ୟନ୍ତ ସମ୍ବେଦନଶୀଳ । ଚୀନ ଏହି କ୍ଷେତ୍ରକୁ ଶିମଲା ବୁଝାମଣା ସମୟରେ ନିର୍ଦ୍ଧାରିତ ମ୍ୟାକମୋହନ ସୀମା ରେଖାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲା । ଚୀନ ଅରୁଣାଚଳ ପ୍ରଦେଶକୁ 'ଦକ୍ଷିଣ ତିବ୍ବତ' କହିଥାଏ । ୧୯୬୨ ମସିହା ଯୁଦ୍ଧ ସମୟରେ ପିପୁଲ୍ସ ଲିବରେସନ୍ ଆର୍ମି ଏହା ଉପରେ କବ୍‌ଜା କରିଥିଲେ । ତେବେ ଚୀନ ଏକତରଫା ଯୁଦ୍ଧ ବିରତି ଘୋଷଣା କରି ଅନ୍ତରାଷ୍ଟ୍ରୀୟ ସୀମାକୁ ସମ୍ମାନ ଜଣାଇ ପଛକୁ ହଟି ଯାଇଥିଲା । ଏହି କ୍ଷେତ୍ରରେ 'ନାଥୁ ଲା' ଓ 'ନାକୁ ଲା'କୁ ନେଇ ବିବାଦ ଲାଗି ରହିଛି ।

ସୀମା ବିବାଦକୁ ନେଇ ଭାରତ-ଚୀନ ଉଭୟ ଦେଶ ମଧ୍ୟରେ ବୁଝାମଣା ଲାଗିରହିଛି । ୧୯୯୩ ମସିହାରେ ଉଭୟ ଦେଶ ଐତିହାସିକ ଶାନ୍ତି ଓ ସ୍ଥିରତା ବୁଝାମଣା କରିଥିଲେ । ଯେତେଦିନ ପର୍ଯ୍ୟନ୍ତ ସୀମା ବିବାଦ ଶେଷ ସୋପାନକୁ ନ ପହଞ୍ଚିଛି, ସେତେଦିନ ଉଭୟ ପକ୍ଷ ବାସ୍ତବିକ ସୀମା ରେଖାକୁ ସମ୍ମାନ କରିବେ । ଆଉ ସେଠାରେ ସେନା ସଂଖ୍ୟାକୁ ସୀମିତ ରଖିବେ ବୋଲି ଉଭୟ ଦେଶ ରାଜି ହୋଇଥିଲେ । ସେହିପରି ୧୯୯୬ ମସିହାରେ ଦୁଇ ଦେଶ ମଧ୍ୟରେ ସୀମାରେ ବଳ ପ୍ରୟୋଗ ନକରିବାକୁ ସହମତି ପ୍ରକାଶ କରିଥିଲେ । ଏପରିକି ଏଲ୍‌ଏସିର ଦୁଇ କିଲୋମିଟର ପର୍ଯ୍ୟନ୍ତ ଗୁଳି ବିନିମୟ ଓ ବିପଦଜନକ ଅସ୍ତ୍ରଶସ୍ତ୍ର ବ୍ୟବହାର ନ କରିବାକୁ ସହମତି ପ୍ରକାଶ କରିଥିଲେ । ସେପଟେ ୨୦୦୫ ମସିହାରେ ସୀମା ବିବାଦର ସମାଧାନ ପାଇଁ ଦୁଇ ଦେଶ ରାଜନୀତିକ ମାନକ ଏବଂ ସୀମା ସିଦ୍ଧାନ୍ତ ଉପରେ ସହମତି ପ୍ରକାଶ କରିଥିଲେ । ସେଭଳି ୨୦୧୩ ମସିହାରେ ଭାରତ-ଚୀନ ସୀମା ସୁରକ୍ଷା ସହଯୋଗ ବୁଝାମଣା କରିଥିଲେ । ତେବେ ଏହାରି ଭିତରେ ସୀମାରେ ଗସ୍ତ ସମୟରେ ଦୁଇ ଦେଶର ସେନା ମଧ୍ୟରେ ସଂଘର୍ଷ ରୋକିବା ଓ ପରସ୍ପର ଯୋଗାଯୋଗ ସୁଦୃଢ଼ କରିବା ପାଇଁ ସହମତି ହୋଇଥିଲା । ତଥାପି ବିଭିନ୍ନ ସମୟରେ ସୀମାରେ ଭାରତ-ଚୀନ ମଧ୍ୟରେ ବିବାଦ ଲାଗିରହିଛି । ଉଭୟ ଦେଶର ସେନା ମୁହାଁମୁହିଁ ହେଉଛନ୍ତି । ଯାହା ଭାରତ-ଚୀନ ଶାନ୍ତି ପ୍ରତିଷ୍ଠା ଉପରେ ବ୍ୟାହତ ସୃଷ୍ଟି କରୁଛି । ■



ପ୍ରକୃତ ନିୟନ୍ତ୍ରଣ ରେଖା ବା ଏଲ୍‌ଏସି ନିକଟରେ ଭାରତୀୟ ଓ ଚୀନ ସେନା ମଧ୍ୟରେ ବାରମ୍ବାର ମୁହାଁମୁହିଁ ପରିସ୍ଥିତି ଦୁଇ ଦେଶର ସମ୍ପର୍କର ଏକ ମୌଳିକ ବିରୋଧାଭାସକୁ ସାମ୍ନାକୁ ଆଣୁଛି । କୂଟନୈତିକ ଆଲୋଚନା ଜାରି ରହିଛି, କିନ୍ତୁ ବିବାଦୀୟ ସୀମାନ୍ତରେ ପାରସ୍ପରିକ ବିଶ୍ୱାସ ଏବେ ବି ଦୁର୍ବଳ । ଅରୁଣାଚଳ ପ୍ରଦେଶରେ ସମ୍ପ୍ରତି ଘଟିଥିବା ମୁହାଁମୁହିଁ ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଉଛି- ଏଗୁଡ଼ିକ କ'ଣ ଦୁଇ ପକ୍ଷର ଭିନ୍ନ ଭିନ୍ନ ଭୂଖଣ୍ଡଗତ ଧାରଣାରୁ ଉପୁଜୁଥିବା ନିୟମିତ ଘଟଣା, ନା ଭାରତର ଭୂଖଣ୍ଡଗତ ସୁରକ୍ଷା ପ୍ରତି ଏକ ଗଭୀର ଆହ୍ୱାନ?

ସୀମାରେ ଉତ୍ତେଜନା

ଆଲୋଚନା ଅପରିହାର୍ଯ୍ୟ, ଶାନ୍ତି ଆବଶ୍ୟକ



ପ୍ରଫେସର ନିରଞ୍ଜନ ବାରିକ୍

ଅମୀମାଂସିତ ବିବାଦର ଇତିହାସ

ଭାରତ-ଚୀନ ସୀମା ବିବାଦର ମୂଳ ଔପନିବେଶିକ ଯୁଗରେ ରହିଛି । ୧୯୧୩-୧୪ ମସିହାର ସିମଲା ସମ୍ମିଳନୀରେ ବ୍ରିଟିଶ ପ୍ରତିନିଧି ସାର୍ ହେନ୍ରି ମ୍ୟାକମାହନ ଯେଉଁ ସୀମାରେଖା ନିର୍ଦ୍ଧାରଣ କରିଥିଲେ, ତାହାକୁ ଭାରତ 'ମ୍ୟାକମୋହନ ରେଖା' ଭାବେ ସ୍ୱୀକାର କରେ । ଚୀନ ଏହି ସୀମାରେଖାକୁ ଅସ୍ୱୀକାର କରିବା ସହ ଅରୁଣାଚଳ ପ୍ରଦେଶ ଉପରେ ଦାବି ରଖେ ଏବଂ ଏହାକୁ 'ଜାଙ୍ଗନାନ୍' ବା 'ଦକ୍ଷିଣ ତିବ୍ବତ' ବୋଲି ଅଭିହିତ କରେ । ପଶ୍ଚିମ ସେକ୍ଟରରେ ଚୀନ 'ଅକ୍ସାଇ ଚୀନ୍' ଅଞ୍ଚଳକୁ ନିଜ ନିୟନ୍ତ୍ରଣରେ ରଖିଛି, ଯାହା ଭାରତ ନିଜର ବୋଲି ଦାବି କରେ । ଏହି ପରସ୍ପର ବିରୋଧୀ ଭୂଖଣ୍ଡଗତ ଦାବି ୧୯୬୨ ମସିହାର ଯୁଦ୍ଧର ଏକ ପୃଷ୍ଠଭୂମି ଥିଲା । ଆଜି ମଧ୍ୟ ଦ୍ୱିପାକ୍ଷିକ ସମ୍ପର୍କକୁ ଜଟିଳ କରୁଛି ।

୧୯୮୬-୮୭ ମସିହାର ସୁମଦୋରୋଙ୍ଗ ଚୁ ସଂଘର୍ଷ, ୨୦୧୭ ମସିହାର ଡୋକଲାମ ଅଚଳାବସ୍ଥା ଏବଂ ୨୦୨୦ ଜୁନ୍‌ର ରକ୍ତାକ୍ତ ଗଲୱାନ୍ ସଂଘର୍ଷ ଅମୀମାଂସିତ ସୀମା ବିବାଦର ବିପଦକୁ ସ୍ପଷ୍ଟ କରେ । ଗଲୱାନ୍ ସଂଘର୍ଷ ସୀମାରେ ପ୍ରାୟ ୪୫ ବର୍ଷ ଧରି ମୃତ୍ୟୁକାରୀ ସାମରିକ ସଂଘର୍ଷ ନ ଘଟିବାର ଧାରାକୁ ଭାଙ୍ଗିଥିଲା । ୧୯୬୫ ମସିହାରେ ଅରୁଣାଚଳ ପ୍ରଦେଶର 'ତୁଲୁଙ୍ଗ ଲା'ଠାରେ ଚାରି ଜଣ ଭାରତୀୟ ସୈନିକ ପ୍ରାଣ ହରାଇଥିଲେ । ଏହାର ପରବର୍ତ୍ତୀ ଦଶନ୍ଧିଗୁଡ଼ିକରେ ମଝିରେ ମଝିରେ ଉତ୍ତେଜନା ଦେଖାଦେଇଥିଲେ ମଧ୍ୟ ଏପରି ମୃତ୍ୟୁକାରୀ ସାମରିକ ସଂଘର୍ଷ ଘଟି ନଥିଲା । ବିଡ଼ମ୍ବନାର ବିଷୟ ଗଲୱାନ୍ ସଂଘର୍ଷ ସେହି ସମୟରେ ଘଟିଥିଲା, ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟକ୍ତିଗତ ସମ୍ପର୍କ ଥିବା ପ୍ରତୀତ ହେଉଥିଲା । ଏହା ଦ୍ୱିପାକ୍ଷିକ ସମ୍ପର୍କର ଉନ୍ନତି ସହ ଆଞ୍ଚଳିକ ଓ ବିଶ୍ୱଶାନ୍ତି ପ୍ରତିଷ୍ଠାର ଆଶା ସୃଷ୍ଟି କରିଥିଲା । ଏହି ସଂଘର୍ଷରେ ୨୦ ଜଣ ଭାରତୀୟ ସୈନିକ ପ୍ରାଣ ହରାଇଥିଲେ; ପରବର୍ତ୍ତୀ ସମୟରେ ଚୀନ ନିଜ ପକ୍ଷରୁ ଚାରି ଜଣଙ୍କ ମୃତ୍ୟୁ ସ୍ୱୀକାର କରିଥିଲା । ଏହା ପୂର୍ବରୁ ପ୍ରଚଳିତ ବିଶ୍ୱାସ ବୃଦ୍ଧି ମୂଳକ ବ୍ୟବସ୍ଥାର ଦୁର୍ବଳତାକୁ ଉଜାଗର କରିଥିଲା ।

ପ୍ରାୟ ୩,୪୮୮ କିଲୋମିଟର ଦୀର୍ଘ ଭାରତ-ଚୀନ ସୀମାନ୍ତକୁ ପାରମ୍ପରିକ ଭାବେ ଏଲ୍‌ଏସିର ତିନୋଟି ସେକ୍ଟରରେ ବିଭକ୍ତ କରାଯାଏ- ପଶ୍ଚିମ ସେକ୍ଟର, ମଧ୍ୟ ସେକ୍ଟର ଏବଂ ପୂର୍ବ ସେକ୍ଟର । ଏହି ତିନୋଟି ମଧ୍ୟରୁ ମଧ୍ୟ ସେକ୍ଟରକୁ ସାଧାରଣତଃ ସବୁଠାରୁ କମ୍ ବିବାଦୀୟ ବୋଲି ବିବେଚନା କରାଯାଏ । ଅନ୍ୟପକ୍ଷରେ, ପଶ୍ଚିମ ଓ ପୂର୍ବ ସେକ୍ଟରରେ ଅଧିକ ଗୁରୁତର ଭୂଖଣ୍ଡଗତ ବିବାଦ ଓ ସାମରିକ ଉତ୍ତେଜନା ଦେଖାଦେଇଛି । ମ୍ୟାକମୋହନ ରେଖା ପୂର୍ବ ସେକ୍ଟର ସହ ସମ୍ପୃକ୍ତ, ଯାହାକୁ ଚୀନ ଅସ୍ୱୀକାର କରେ ।

ଲଦ୍ଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକ୍କିମ ଓ ଅରୁଣାଚଳ ପ୍ରଦେଶ ଦେଇ ଭାରତର ସୀମା ଚୀନ ସହ ସଂଯୁକ୍ତ । ଏହି ପାର୍ବତ୍ୟ ଅଞ୍ଚଳଗୁଡ଼ିକ ରଣନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଓ ଭୂରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଅରୁଣାଚଳ ପ୍ରଦେଶର ଚୀନ ସହ ସବୁଠାରୁ ଦୀର୍ଘ ସୀମା ରହିଛି ।

ଏଲ୍‌ଏସି ୧୯୬୨ ଯୁଦ୍ଧ ପରେ ଗଢ଼ିଉଠିଥିବା ସାମରିକ ସ୍ଥିତିକୁ ପ୍ରତିଫଳିତ କରେ, କିନ୍ତୁ ଏହାର ଅବସ୍ଥିତି ନେଇ ଏବେ ମଧ୍ୟ ଅନେକ ଅଞ୍ଚଳରେ ମତଭେଦ ରହିଛି । ୧୯୯୩ ମସିହାର ଭାରତ-ଚୀନ ଚୁକ୍ତିରେ ବୃତ୍ତାନ୍ତ ସୀମା ସମାଧାନ ନ ହେବା ପର୍ଯ୍ୟନ୍ତ ଉଭୟ ପକ୍ଷ ଏଲ୍‌ଏସିକୁ ସମ୍ମାନ ଦେବାକୁ ପ୍ରତିବଦ୍ଧ ହୋଇଥିଲେ । ତେବେ ଏହାର ଅବସ୍ଥିତି ସମ୍ପର୍କରେ ଦୁଇ ଦେଶର ଧାରଣା ଭିନ୍ନ ଥିବା କଥା ମଧ୍ୟ ସ୍ୱୀକାର କରାଯାଇଥିଲା ।

ଆଲୋଚନା ଓ ତାହାର ସୀମାବଦ୍ଧତା

୧୯୮୮ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ବେଜିଂ ଗସ୍ତ ଏକ ଗୁରୁତ୍ୱପୂର୍ଣ୍ଣ ନୀତିକୁ ପ୍ରତିଷ୍ଠା କରିଥିଲା- ସୀମା ବିବାଦ ଅନ୍ୟ କ୍ଷେତ୍ରରେ ସହଯୋଗର ପଥରେ ବାଧା ହେବା ଉଚିତ ନୁହେଁ । ଉଭୟ ଦେଶ ସମ୍ପର୍କର ସ୍ୱାଭାବିକୀକରଣ ପାଇଁ ପଦକ୍ଷେପ ନେବା ସହ ବିବାଦର ସମାଧାନ ଅନୁଧ୍ୟାନ କରିବାକୁ ଏକ ଯୁଗ୍ମ କାର୍ଯ୍ୟଗୋଷ୍ଠୀ ଗଠନ କରିଥିଲେ । ସୀମା ସମାଧାନ ପାଇଁ ସମୟଲାଗିବ ବୋଲି ଉଭୟପକ୍ଷ ସ୍ୱୀକାର କରିଥିଲେ । ସେହି ଦୃଷ୍ଟିକୋଣ ଆଜି ମଧ୍ୟ ପ୍ରାସଙ୍ଗିକ । ତେବେ, ଦୁର୍ବଳ ସୀମା ପରିଚାଳନା କିମ୍ବା ଚୁକ୍ତିଗୁଡ଼ିକର ଅସଙ୍ଗତ କାର୍ଯ୍ୟାନ୍ୱୟନକୁ କୂଟନୈତିକ ଆଲୋଚନା ଦ୍ୱାରା ପୂରଣ କରାଯାଇପାରିବ ନାହିଁ । ସାମ୍ପ୍ରତିକ ଘଟଣାଗୁଡ଼ିକ ଏହି ଆହ୍ୱାନକୁ ପୁନର୍ବାର ସାମ୍ନାକୁ ଆଣିଛି । ୨୨ ଅକ୍ଟୋବର ୨୦୨୬ରେ, ଇଣ୍ଡୋ-ତିବ୍ବତ ସୀମା ପୁଲିସ (ଆଇଟିବିପି)ର ମହାନିର୍ଦ୍ଦେଶକ ଶତ୍ରୁଜିତ କପୁର ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନରେ ଭାରତୀୟ ଓ ଚୀନ ସେନା ମଧ୍ୟରେ ମୁହାଁମୁହିଁ ଘଟଣା ଘଟିଥିବା ସମ୍ପର୍କରେ କହିଥିବା ଖବର ପ୍ରକାଶ ପାଇଥିଲା । ପରଦିନ ବୈଦେଶିକ ମନ୍ତ୍ରଣାଳୟ କହିଥିଲା ଯେ, ଚୀନ ସେନା ପ୍ରଚଳିତ ପାଟ୍ରୋଲିଂ ପଦ୍ଧତିରୁ ବିଚ୍ୟୁତ ହେଲେ ବେଳେବେଳେ ଏପରି ଉତ୍ତେଜନା ସୃଷ୍ଟି ହୁଏ । ଏଭଳି ପରିସ୍ଥିତିର ସମାଧାନ ପାଇଁ କୂଟନୈତିକ ଓ ସାମରିକ ଯୋଗାଯୋଗ ବ୍ୟବସ୍ଥା ଉପଲବ୍ଧ ଥିବା କଥା ମଧ୍ୟ ମନ୍ତ୍ରଣାଳୟ ଉଲ୍ଲେଖ କରିଥିଲା ।

ଅରୁଣାଚଳ ପ୍ରଦେଶର ଅପର ସୁବନସିରି ଜିଲ୍ଲାର ଆସାଫିଲା ଓ ତାଙ୍ଗି ନିକଟରେ ମୁହାଁମୁହିଁ ଘଟଣା, ବିଶେଷକରି ଭାରତର ଧାରଣା ଅନୁଯାୟୀ ଏଲ୍‌ଏସି ନିକଟରେ ଚୀନ କର୍ମଚାରୀଙ୍କ ତମ୍ବୁ ପକାଇବା ସମ୍ପର୍କିତ ଅଭିଯୋଗ, ଚିନ୍ତା ବଢ଼ାଇଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ଅରୁଣାଚଳ ପ୍ରଦେଶ କଂଗ୍ରେସ ସଭାପତି ବୋସିରାମ ସିରାମ ସରକାରଙ୍କ ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇଛନ୍ତି । ସିରାମଙ୍କ ଅଭିଯୋଗ ଅନୁଯାୟୀ, ଚୀନ ସେନା ଭାରତୀୟ ଅଞ୍ଚଳ ଭିତରକୁ ୪୦-୫୦ କିଲୋମିଟର ପର୍ଯ୍ୟନ୍ତ ଆଗେଇ ଆସିଛି । ଏହି ଦାବିର ସ୍ୱାଧୀନ ପୁଷ୍ଟି ହୋଇନାହିଁ ଏବଂ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଏହାକୁ ଖଣ୍ଡନ କରିଛନ୍ତି । ବିଜେପି ନେତା ସୁବ୍ରମଣ୍ୟମ ସ୍ୱାମୀ ମଧ୍ୟ ଚୀନର କଥିତ ଅନୁପ୍ରବେଶ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ଏପରି ସ୍ଥିତିରେ ଆଇଟିବିପି ଓ ଭାରତୀୟ ସେନା ସୀମାନ୍ତରେ ଆଗୁଆ ମୋର୍ଚ୍ଚାରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିବା ଓ ସମ୍ଭାବ୍ୟ ସଂଘର୍ଷକୁ ନିୟନ୍ତ୍ରଣ କରିବାରେ ନିୟୋଜିତ ଥିବା କୁହାଯାଉଛି । ଚୀନ ମନେ ରଖିବା ଉଚିତ ଯେ, ସାମରିକ କ୍ଷମତା ଓ ପ୍ରସ୍ତୁତି ଦୃଷ୍ଟିରୁ ଆଜିର ଭାରତ ୧୯୬୨ ମସିହାର ଭାରତଠାରୁ ବହୁ ଆଗରେ ।

ଶାନ୍ତି ଓ ସ୍ଥିରତା ଦରକାର

କୂଟନୈତିକ ଆଲୋଚନା ଜାରି ରହିଛି । ୨୫ ଅଗଷ୍ଟ ୨୦୨୬ରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ବେଜିଂଠାରେ ସୀମା ବିବାଦ ସମ୍ପର୍କିତ ବିଶେଷ ପ୍ରତିନିଧିମାନଙ୍କ ୨୫ତମ ପର୍ଯ୍ୟାୟ ଆଲୋଚନା କରିଥିଲେ । ଏଥିରେ ସୀମା ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରଖିବା ଓ ସୀମାନ୍ତରେ ଶାନ୍ତି ବଜାୟ ରଖିବା ପ୍ରତି ଉଭୟ ପକ୍ଷ ପ୍ରତିବଦ୍ଧତା ପୁନର୍ବ୍ୟକ୍ତ କରିଥିଲେ । ସେପ୍ଟେମ୍ବର ପ୍ରାରମ୍ଭରେ ତାଙ୍ଗି ଅଞ୍ଚଳରେ ଉତ୍ତେଜନା ସମ୍ପର୍କିତ ରିପୋର୍ଟ ପରେ କର୍ପସ କମାଣ୍ଡର ସ୍ତରରେ ମଧ୍ୟ ଆଲୋଚନା ହୋଇଥିଲା ।

ଭାରତ-ଚୀନ ସମ୍ପର୍କରେ ବାଣିଜ୍ୟ, ଆଞ୍ଚଳିକ ସୁରକ୍ଷା ଓ ବହୁପକ୍ଷୀୟ ସହଯୋଗ ଅନ୍ତର୍ଭୁକ୍ତ । ଏହି ସାଧାରଣ ସ୍ୱାର୍ଥ ନିରନ୍ତର ଆଲୋଚନାକୁ ଯଥାର୍ଥତା ଦିଏ । କିନ୍ତୁ ଆର୍ଥିକ ସମ୍ପର୍କ ସୀମାନ୍ତର ସ୍ଥିରତାର ବିକଳ୍ପ ହୋଇପାରିବ ନାହିଁ । ସେହିପରି, ପ୍ରତ୍ୟେକ ମୁହାଁମୁହିଁ ଘଟଣାକୁ କୂଟନୀତିର ବିଫଳତାର ପ୍ରମାଣ ବୋଲି ଧରି ନେବା ମଧ୍ୟ ଉଚିତ ନୁହେଁ ।

ଭାରତକୁ ଏପରି ଏକ ସନ୍ତୁଳିତ ନୀତି ଆବଶ୍ୟକ, ଯେଉଁଥିରେ ବିଶ୍ୱସନୀୟ ପ୍ରତିରୋଧକ କ୍ଷମତା, ନିରନ୍ତର ଆଲୋଚନା, ସ୍ୱଚ୍ଛ ଯୋଗାଯୋଗ ଓ ପାରସ୍ପରିକତାର ସମନ୍ୱୟ ରହିବ । ଚୀନକୁ ମଧ୍ୟ ପ୍ରମାଣ କରିବାକୁ ହେବ ଯେ ସ୍ଥିର ସମ୍ପର୍କ ପ୍ରତି ତାହାର ପ୍ରତିବଦ୍ଧତା କେବଳ କୂଟନୈତିକ ଘୋଷଣାରେ ସୀମିତ ନୁହେଁ; ସୀମାନ୍ତରେ ତାହାର ଆଚରଣ ମଧ୍ୟ ନିୟମିତ, ପୂର୍ବାନୁମାନଯୋଗ୍ୟ ଓ ଦାୟିତ୍ୱପୂର୍ଣ୍ଣ ହେବା ଆବଶ୍ୟକ ।

ଆଲୋଚନା ଅପରିହାର୍ଯ୍ୟ; କିନ୍ତୁ ଦୀର୍ଘସ୍ଥାୟୀ ଶାନ୍ତି ପାଇଁ ଉଭୟ ପକ୍ଷର ସଂଯମ, ଚୁକ୍ତିଗୁଡ଼ିକ ପ୍ରତି ସମ୍ମାନ ଏବଂ ସୀମାନ୍ତରେ ସ୍ଥିରତା ଅତ୍ୟାବଶ୍ୟକ । ■



ପ୍ରାକ୍ତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ରାଜନୀତି ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଅରୁଣାଚଳ ପ୍ରଦେଶରେ ଚୀନର ଉପଦ୍ରବ





ଡ. ପ୍ରଦୀପ କୁମାର ନାୟକ

ବ୍ରିଟିଶ ଶାସନ ସମୟରେ ତିବ୍ବତ ଓ ବ୍ରିଟିଶ ଭାରତ ମଧ୍ୟରେ ସୀମା ନିର୍ଦ୍ଧାରଣ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ୧୯୧୪ ମସିହାରେ ସିମଳାଠାରେ ଏକ ସମ୍ମିଳନୀରେ ତତ୍କାଳୀନ ବ୍ରିଟିଶ ବୈଦେଶିକ ସଚିବ ସାର୍ ହେନେରୀ ମାକମୋହନଙ୍କ ପ୍ରସ୍ତାବନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରିଟିଶ ପ୍ରତିନିଧି ରୂପେ ସାର ହେନେରୀ ମାକମୋହନ, ତିବ୍ବତ ବିଶେଷଜ୍ଞ ଚାରଲେସ ବେଲ୍ ଓ କୂଟନୀତିଜ୍ଞ ଆର୍କିବାଲଡ଼ ରୋଜ; ତିବ୍ବତର ପ୍ରଧାନମନ୍ତ୍ରୀ ଓ ଦଲାଇ ଲାମାଙ୍କ ପ୍ରତିନିଧି ପାଲଜର ଦରଜେ ଶାତ୍ରା ଓ ଚୀନର ପ୍ରତିନିଧି ଇଭାନ ଚେନ୍ ମୁଖ୍ୟତଃ ତିବ୍ବତର ରାଜନୈତିକ ଭବିଷ୍ୟତ ଓ ଉତ୍ତର ପୂର୍ବାଞ୍ଚଳରେ ତିବ୍ବତ ଓ ଭାରତ ମଧ୍ୟରେ ଏକ ଆନ୍ତର୍ଜାତିକ ସୀମାରେଖା ଉପରେ ଆଲୋଚନା କରିଥିଲେ। ସେହି ଆନ୍ତର୍ଜାତିକ ସୀମାରେଖା ମ୍ୟାକମୋହନ ରେଖା ରୂପେ ପ୍ରସିଦ୍ଧ ହୋଇଥିଲା। ଏହା ୧୯୧୪ ଜୁଲାଇ ୩ ତାରିଖରେ ସ୍ୱାକ୍ଷରିତ ହୋଇଥିଲେ ସୁଦ୍ଧା ଚୀନ କୂଟନୀତିଜ୍ଞ ଇଭାନ ଚେନ ଏହାକୁ ସ୍ୱାକ୍ଷରିତ କରିନଥିଲେ। ତଥାପି ମ୍ୟାକମୋହନ ଲାଇନ ତତ୍କାଳୀନ ତିବ୍ବତ ଓ ବର୍ତ୍ତମାନ ଭାରତ ମଧ୍ୟରେ ଏକ ସ୍ୱୀକୃତିପ୍ରାପ୍ତ ଆନ୍ତର୍ଜାତିକ ସୀମାରେଖା ଅଟେ। ଏହାର ଉଲଂଘନ ଦଣ୍ଡନୀୟ ଅଟେ। ୧୯୫୦ ମସିହାରେ ଯେତେବେଳେ ଚୀନ ସାମରିକ ବଳ ପ୍ରୟୋଗ କରି ତିବ୍ବତକୁ ଚୀନ ଭୌଗୋଳିକ ଅଞ୍ଚଳରେ ଅନ୍ତର୍ଭୁକ୍ତ କରିଦେଲା ସେତେବେଳେ ଚୀନର ଭୌଗୋଳିକ ସୀମାରେଖା ଓ ଭାରତର ସୀମା ସାମ୍ନା ସାମ୍ନି ହୋଇଗଲା। ଚୀନ ୧୯୫୦ ମସିହାରେ ତିବ୍ବତକୁ ଏକ ସ୍ୱୟଂଶାସିତ ଅଞ୍ଚଳର ପାହ୍ୟା ଦେଇ ଏହାକୁ ଚାଇନିଜ ଭାଷାରେ 'ଜିଜାଙ୍ଗ' ନାମକରଣ କଲା । ୧୯୫୯ ମସିହା ନଭେମ୍ବର ୭ ତାରିଖରେ ତତ୍କାଳୀନ ଚାଇନିଜ ପ୍ରଧାନମନ୍ତ୍ରୀ ଚାଉ ଏନ ଲାଇ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କୁ ଚିଠି ଲେଖି ଏହି ପ୍ରକୃତ ନିୟନ୍ତ୍ରଣ ରେଖା ପ୍ରସ୍ତାବ ଦେଇଥିଲେ ଯାହାକୁ ନେହରୁ ସମର୍ଥନ କରିନଥିଲେ। ୧୯୬୨ ମସିହାରେ ସୀମା ବିବାଦ ଓ ୧୪ ତମ ତିବ୍ବତୀୟ ବୌଦ୍ଧ ଧର୍ମଗୁରୁ ବା ଦଲାଇଲାମାଙ୍କ ୧୯୫୯ ମସିହାରେ ତିବ୍ବତରୁ ଭାରତକୁ ପଳାୟନ କରି ରାଜନୈତିକ ଶରଣ ନେବା ବିଷୟକୁ କେନ୍ଦ୍ର କରି ଚୀନ ଭାରତକୁ ଆକ୍ରମଣ କରିଥିଲା।



୧୯୬୨ ଯୁଦ୍ଧରେ ଚୀନ ଭାରତର ଲଦ୍ଦାଖ ଅଞ୍ଚଳରୁ ୩୮୦୦୦ ବର୍ଗ କି.ମି ଅଞ୍ଚଳ ଦଖଲ କରି ନିଜ ଅକ୍ତିଆରରେ ରଖିଛି। ଅରୁଣାଚଳ ପ୍ରଦେଶ ଯାହାକି ମାକମୋହନ ରେଖାର ଦକ୍ଷିଣରେ ଅବସ୍ଥିତ ତାହା ଉପରେ ଚୀନର ଲୋଲୁପ ଦୃଷ୍ଟି ପଡ଼ିଛି। କଳେ ବଳେ କୌଶଳେ ଏହାକୁ ନିଜ ମାନଚିତ୍ରରେ ମିଶେଇବାକୁ ଚାହୁଁଛି। ଚୀନର ଷ୍ଟାଣ୍ଡାର୍ଡ ଅଫିସିଆଲ୍ ମ୍ୟାପ୍, ୨୦୨୩ ସଂସ୍କରଣ ଅରୁଣାଚଳ ପ୍ରଦେଶକୁ ଚୀନର ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ଦର୍ଶାଇଛି। ଏହାକୁ ସେ ଦକ୍ଷିଣ ତିବ୍ବତ ବା 'ଜାଙ୍ଗନାନ' ନାମିତ କରିଛି। ଏହାଛଡ଼ା ଚୀନର ସାଧାରଣ ନାଗରିକ ବ୍ୟାପାର ମନ୍ତ୍ରଣାଳୟ ୨୦୧୭ ମସିହାରୁ ଅରୁଣାଚଳ ପ୍ରଦେଶର ୧୧୨ ଟି ସ୍ଥାନର ନୂତନ ନାମକରଣ କରି ନିଜ ମାନଚିତ୍ରରେ ଚିହ୍ନଟ କରିଛି। ଭାରତ ଏହାର ଦୃଢ଼ ବିରୋଧ କରିଛି। ଏଠାରେ ସ୍ମରଣ କରାଯାଇପାରେ ଯେ, ୨୦୧୭ ମସିହାରେ ଏହି ଆଞ୍ଚଳିକ ବିବାଦ ଓ ଚୀନ ଯବାନମାନଙ୍କର ଭୁଟାନ ନିକଟସ୍ଥ ଡକଲାମଠାରେ ରାସ୍ତା ନିର୍ମାଣ ଯୋଗୁଁ ଦୁଇ ପକ୍ଷର ସଂଘର୍ଷ ହୋଇଥିଲା। ବର୍ତ୍ତମାନ ଚୀନ ସୈନ୍ୟମାନେ ସୁବନସିରି ଓ ଲଂଗଜୁ ଅଞ୍ଚଳରେ ଯେଉଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରୁଛନ୍ତି ତାହା ଦ୍ୱାରା ଚୀନର ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ଅନୁମିତ ହେଉଛି।


ପ୍ରକୃତ ନିୟନ୍ତ୍ରଣ ରେଖାକୁ କେନ୍ଦ୍ର କରି ମଧ୍ୟ ଚୀନ ଓ ଭାରତ ମଧ୍ୟରେ ୧୯୬୨ ମସିହାଠାରୁ ମତାନ୍ତର ଓ ବିବାଦ ଲାଗି ରହିଛି। ଏହି ସୀମାନ୍ତ ରେଖାର ପ୍ରକୃତ ଦୈର୍ଘ୍ୟ ୩୪୮୮ କି.ମି (୨୧୬୭ ମାଇଲ) ଅଟେ। ଏହା ପଶ୍ଚିମ ସେକ୍ଟର (ଲଦାଖ) ମଧ୍ୟ ଦେଇ ୧୫୯୭ କି. ମି ; ମଧ୍ୟ ସେକ୍ଟର (ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ) ଦେଇ ୫୪୫ କି.ମି ଓ ପୂର୍ବ ସେକ୍ଟର (ସିକିମ ଓ ଅରୁଣାଚଳ ପ୍ରଦେଶ) ଦେଇ ୧୩୫୦ କି.ମି ଗତି କରିଛି ଓ ମାକମୋହନ ସୀମାନ୍ତ ରେଖା ସହ ପ୍ରାୟ ମିଶି ଯାଇଛି ଯାହାକୁ ଚୀନ ଗ୍ରହଣ କରୁନାହିଁ।

ଏହାଛଡ଼ା ଅରୁଣାଚଳ ପ୍ରଦେଶରେ (ଯାହାକୁ ଚୀନ ଦକ୍ଷିଣ ତିବ୍ବତ ବା ଜାଙ୍ଗନାନ କହେ) ୧୬୮୦ ମସିହାରେ ୫ମ ଦଲାଇ ଲାମାଙ୍କ ନିର୍ଦ୍ଦେଶରେ ନିର୍ମିତ ମହାଯାନ ବୌଦ୍ଧ ଗୋଷ୍ଠୀର ପ୍ରସିଦ୍ଧ ତାୱାଙ୍ଗ ମଠ ଅବସ୍ଥିତ ଯାହା ଏକ ପବିତ୍ର ଧର୍ମପୀଠ ଅଟେ। ଷଷ୍ଠ ଦଲାଇ ଲାମା ସାଙ୍ଗଗ୍ୟାଙ୍ଗ ଗ୍ୟାଟସୋ ଏଠାରେ ଜନ୍ମ ଗ୍ରହଣ କରିଥିଲେ। ବର୍ତ୍ତମାନ ୧୪ ତମ ଦଲାଇ ଲାମାଙ୍କ ଭବିଷ୍ୟତ ବାଣୀ ଅନୁଯାୟୀ ୧୫ ତମ ଦଲାଇ ଲାମା ତାୱାଙ୍ଗରେ ଅବତାର ନେଇ ଜନ୍ମ ଗ୍ରହଣ କରି ପାରନ୍ତି। ଯଦି ବୌଦ୍ଧ ଧର୍ମର ଧର୍ମଗୁରୁମାନଙ୍କୁ ନିଜ ନିୟନ୍ତ୍ରଣକୁ ଆଣିବାକୁ ହେବ ତାହେଲେ ଉଭୟ ତିବ୍ବତ ବ୍ୟତୀତ ଅରୁଣାଚଳ ପ୍ରଦେଶ (ଦକ୍ଷିଣ ତିବ୍ବତ) କୁ ମଧ୍ୟ ନିଜ ଭୌଗୋଳିକ ପରିସୀମା ଭିତରେ ଅନ୍ତର୍ଭୁକ୍ତ କରିବା, ଲାସା ରାଜପଥ ନିୟନ୍ତ୍ରଣ କରିବା ଓ ତିବ୍ବତକୁ ଯୁଦ୍ଧ ନିଷ୍କ୍ରିୟ ଅଞ୍ଚଳରେ ପରିଣତ କରିବା ପାଇଁ ଚୀନର ଉଦ್ଦେଶ୍ୟ ରହିଛି। ସେଥିପାଇଁ ଚୀନ ବାରମ୍ବାର ଅରୁଣାଚଳ ପ୍ରଦେଶ ଓ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଉପଦ୍ରବ କରୁଛି। ଭାରତ ସରକାର ଏହାର ଦୃଢ଼ ଜବାବ ଦେବା ଉଚିତ। ■

ଅବସରପ୍ରାପ୍ତ ଅଧ୍ୟକ୍ଷ,
ଫ୍ଲାଟ ନ.୨୦୮, ଲେନ-୧୪
ଏମ୍ସ ନଗର, ପାତ୍ରପଡ଼ା, ଭୁବନେଶ୍ୱର
ମୋ: ୯୪୩୭୬୪୩୪୧

ଭାରତର ଉତ୍ତର ପୂର୍ବରେ ଚୀନର ହସ୍ତକ୍ଷେପ ଯୋଗୁଁ ଏହି କିଛି ଦିନ ହେଲା ଏକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଇଣ୍ଡୋ -ତିବ୍ବତୀୟ ବର୍ଡର ପୋଲିସ ବାହିନୀର ମହା ନିର୍ଦ୍ଦେଶକ ଶତ୍ରୁଜିତ କାପୁର ଦେଶବାସୀଙ୍କୁ ସୂଚନା ଦେଇଛନ୍ତି ଯେ, ଅରୁଣାଚଳ ପ୍ରଦେଶର ସୀମାନ୍ତରେ ଚୀନ ସାମରିକ ବାହିନୀର ଯବାନମାନଙ୍କ ସହ ଭାରତୀୟ ଯବାନମାନଙ୍କର ଅନେକ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସମ୍ପ୍ରତି ହାତାହାତି ହୋଇଛି। ବିଶେଷତଃ ପ୍ରକୃତ ନିୟନ୍ତ୍ରଣ ରେଖା ବା ଏଲ୍‌ଏସିର ପାଖାପାଖି ଅଞ୍ଚଳଗୁଡ଼ିକରେ ଯଥା- ଉପର ସୁବନସିରି ଜିଲ୍ଲାର ତାକସିଙ୍ଗ, ମାଜା ଓ ଆସାଫିଲା ଅଞ୍ଚଳରେ; ଏହାଛଡ଼ା ଲଂଗଜୁ ଅଞ୍ଚଳରେ ଉଭୟ ଦଳ ମଧ୍ୟରେ ସାମ୍ନା ସାମ୍ନି ହୋଇଛି କିନ୍ତୁ କୌଣସି ହିଂସାତ୍ମକ ସଙ୍ଘର୍ଷ ହୋଇନାହିଁ। ଏହିପରି ଅପ୍ରତ୍ୟାଶିତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆଇ.ଟି.ବି.ପି. ତରଫରୁ ଏକ ଲଢୁଆ କମାଣ୍ଡୋ ୟୁନିଟ 'ଶୌର୍ଯ୍ୟ' ଗଠନ କରାଯାଇଛି ବୋଲି ମହାନିର୍ଦ୍ଦେଶକ ଶତ୍ରୁଜିତ କାପୁର କହିଛନ୍ତି। ଏଠାରେ ଆମେ ଜାଣି ରଖିବା ଉଚିତ ଯେ, ଅରୁଣାଚଳ ପ୍ରଦେଶର ସମସ୍ୟା କିଛି ନୂତନ ନୁହଁ; ବରଂ ଏହା ବ୍ରିଟିଶ ରାଜ ସମୟରୁ ସୃଷ୍ଟି ହୋଇଛି। ବ୍ରିଟିଶ ଶାସନ ସମୟରେ ଅରୁଣାଚଳ ପ୍ରଦେଶର ନାମ ଥିଲା 'ନର୍ଥ ଇଷ୍ଟ ଫ୍ରଣ୍ଟ ଏଜେନ୍ସି' ବା ନେଫା। ଭାରତ ସରକାର ୧୯୬୨ ମସିହା ଜାନୁଆରି ୨୦ ତାରିଖରେ ଏହାକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କଲେ ଓ ୧୯୮୬ ମସିହା ଫେବୃଆରୀ ୨୦ ତାରିଖରେ ଏହା ଭାରତର ୨୪ ତମ ରାଜ୍ୟ ରୂପେ ପରିଗଣିତ ହେଲା।







ସୀମା ବିବାଦର ଅସମାପ୍ତ ଅଧ୍ୟାୟ



ଡ.ବିମଳ ଷଡ଼ଙ୍ଗୀ

ଚୀନ୍ ଏବଂ ଭାରତ ମଧ୍ୟରେ ସେମାନଙ୍କ ସୀମାନ୍ତରେ ଥିବା ଦୁଇଟି ଅପେକ୍ଷାକୃତ ବଡ଼ ଏବଂ ଅନ୍ୟ କେତେକ ଛୋଟ ଭୂଖଣ୍ଡର ମାଲିକାନାକୁ ନେଇ ଏକ ଦୀର୍ଘସ୍ଥାୟୀ ବିବାଦ ରହିଛି। ଉଭୟ ରାଷ୍ଟ୍ର ମଧ୍ୟରେ ଥିବା ଏହି ଭୂଖଣ୍ଡଗତ ବିବାଦର ମୂଳ କାରଣ ହେଉଛି ବ୍ରିଟିଶ ଔପନିବେଶିକ ଯୁଗର ସୀମା ଚୁକ୍ତିନାମା। ବିଶେଷକରି ପୂର୍ବ କ୍ଷେତ୍ରରେ ଥିବା 'ମ୍ୟାକମୋହନ ରେଖା' ଏହାର ଏକ ମୁଖ୍ୟ ଉଦାହରଣ; ଯାହା ୧୯୧୪ ମସିହାରେ ବ୍ରିଟିଶ ଶାସିତ ଭାରତ ଏବଂ ତିବ୍ବତ ମଧ୍ୟରେ ହୋଇଥିବା 'ଶିମଲା ସମ୍ମିଳନୀ' ସମୟରେ ନିର୍ଦ୍ଧାରିତ ହୋଇଥିଲା, କିନ୍ତୁ ଚୀନ୍ ଏହାକୁ ଗ୍ରହଣ କରିନଥିଲା। ପଶ୍ଚିମ କ୍ଷେତ୍ରରେ, ଏହି ବିବାଦ 'ଅକ୍ସାଇ ଚୀନ୍' ଅଞ୍ଚଳକୁ ନେଇ ରହିଛି। ଐତିହାସିକ ଦୃଷ୍ଟିରୁ ଏହି ଅଞ୍ଚଳ ଜମ୍ମୁ ଓ କାଶ୍ମୀର ରାଜ୍ୟ ସହ ଜଡ଼ିତ ଥିଲା, କିନ୍ତୁ ୧୯୬୨ ମସିହାର ଚୀନ୍ ଏବଂ ଭାରତ ମଧ୍ୟରେ ଯୁଦ୍ଧ ପରେ ଏହା ଚୀନ୍‌ର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରହିଆସିଛି। ଉଭୟ ପକ୍ଷ ଦ୍ୱାରା ସ୍ୱୀକୃତ କୌଣସି ସୀମା ଚୁକ୍ତିନାମା ନଥିବାରୁ, ସେଠାରେ ନିରନ୍ତର ଉତ୍ତେଜନା ଲାଗି ରହିଛି ଏବଂ ମଝିରେ ମଝିରେ ସାମରିକ ସଂଘର୍ଷ ମଧ୍ୟ ଦେଖାଦେଇଥାଏ।

ଭାରତ ଓ ଚୀନ୍ ଏସିଆ ମହାଦେଶର ଦୁଇଟି ବୃହତ୍ ଜନବହୁଳ ରାଷ୍ଟ୍ର। ଜନସଂଖ୍ୟା, ଅର୍ଥନୀତି, ସାମରିକ ଶକ୍ତି ଓ ବିଶ୍ୱ ରାଜନୀତିରେ ଉଭୟଙ୍କର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ। ତେବେ ଦୁଇ ରାଷ୍ଟ୍ରର ସମ୍ପର୍କରେ ଦୀର୍ଘଦିନ ଧରି ରହିଥିବା ସୀମା ବିବାଦ ଆଞ୍ଚଳିକ ଶାନ୍ତି ଓ ଏସିଆ ମହାଦେଶର ଭବିଷ୍ୟତ ସ୍ଥିରତା ପାଇଁ ଏକ ବଡ଼ ଆହ୍ୱାନ। ୧୯୫୯ର ଲୋଙ୍ଗଜୁ ଓ କୋଙ୍କା ପାସ୍ ସଂଘର୍ଷଠାରୁ ୨୦୨୦ର ଗଲୱାନ୍ ରକ୍ତାକ୍ତ ଘଟଣା ଏବଂ ୨୦୨୨ର ତୱାଙ୍ଗ ସଂଘର୍ଷ ପର୍ଯ୍ୟନ୍ତ ଇତିହାସ ଏକ ନିଷ୍ଠୁର ସତ୍ୟକୁ ସାମ୍ନାକୁ ଆଣିଛି ଫଳରେ ସୀମା ବିବାଦକୁ ଆମେ ଅଣଦେଖା କଲେ ଉଭୟ ରାଷ୍ଟ୍ରରେ ଶାନ୍ତି ସ୍ଥାୟୀ ହୋଇପାରିବ ନାହିଁ।

୧୯୬୨ର ଭାରତ–ଚୀନ୍ ଯୁଦ୍ଧ ଦୁଇ ଦେଶର ସମ୍ପର୍କରେ ଗୋଟିଏ ଗଭୀର କ୍ଷତ ସୃଷ୍ଟି କରିଥିଲା। ଏହା ପ୍ରମାଣ କରିଥିଲା ଯେ କେବଳ ଐତିହାସିକ ବନ୍ଧୁତା, ରାଜନୈତିକ ଘୋଷଣା କିମ୍ବା ପରସ୍ପର ବିଶ୍ୱାସର ଆଶା ଉପରେ ଜାତୀୟ ସୁରକ୍ଷା ନିର୍ଭର କରିପାରେ ନାହିଁ। ୧୯୬୭ର 'ନାଥୁଲା' ଓ 'ଚୋ ଲା' ସଂଘର୍ଷ, ୧୯୬୫ର 'ତୁଲୁଙ୍ଗ ଲା' ଘଟଣା ଏବଂ ୧୯୮୬–୮୭ର 'ସୁମଦୋରୋଙ୍ଗ ଚୁ' ଉତ୍ତେଜନା ଦର୍ଶାଇଥିଲା ଯେ ସୀମାରେ ସାମରିକ ମୁକାବିଲାର ଆଶଙ୍କା ସବୁ ସମୟରେ ସଜୀବ ଥିଲା।

୧୯୯୩ ଓ ୧୯୯୬ର ସୀମା ସମ୍ପର୍କିତ ରାଜିନାମା ପରେ ମଧ୍ୟ ଉଭୟ ରାଷ୍ଟ୍ରଙ୍କ ମଧ୍ୟରେ ବିବାଦର ସ୍ଥାୟୀ ସମାଧାନ ହୋଇନଥିଲା। ୨୦୧୩ର ଦେପସାଙ୍ଗ, ୨୦୧୪ର ଚୁମାର–ଦେମଚୋକ ଉତ୍ତେଜନା ଏବଂ ୨୦୧୭ର ୭୩ ଦିନିଆ ଡୋକଲାମ୍ ମୁହାଁମୁହିଁ ସ୍ଥିତି ପ୍ରମାଣ କରିଥିଲା ଯେ ପରସ୍ପର ମଧ୍ୟରେ ସୀମାର ସ୍ଥାୟୀ ସମାଧାନ ନ ହେଲେ ଉଚ୍ଚସ୍ତରୀୟ ଆଲୋଚନା ମଧ୍ୟ ସୀମିତ ଫଳ ଦେଇଥାଏ।

୨୦୨୦ ମସିହାର ଗଲୱାନ୍ ଉପତ୍ୟକାରେ ଉଭୟ ରାଷ୍ଟ୍ରର ସେନାମାନଙ୍କ ମଧ୍ୟରେ ସଂଘଠିତ ସଂଘର୍ଷ ଚୀନ-ଭାରତ ସମ୍ପର୍କକୁ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚାଇଥିଲା। ଏହି ଘଟଣାରେ ୨୦ ଜଣ ଭାରତୀୟ ସୈନିକ ପ୍ରାଣ ହରାଇଥିଲେ; ଚୀନ୍ ମଧ୍ୟ ନିଜର କିଛି ସୈନିକଙ୍କ ମୃତ୍ୟୁକୁ ସ୍ୱୀକାର କରିଥିଲା। ଏହା ପରେ ସୀମାରେ ସାମରିକ ମୁତୟନ ବୃଦ୍ଧି, ଆଲୋଚନାର ତୀବ୍ରତା ଓ ଦ୍ୱିପାକ୍ଷିକ ସମ୍ପର୍କରେ ଅବିଶ୍ୱାସ ବଢ଼ିଥିଲା। ପରେ ୨୦୨୧ ମସିହାରେ ସୈନ୍ୟ ପ୍ରତ୍ୟାହାର ନେଇ ଆଲୋଚନା, ୨୦୨୨ ମସିହାରେ ତୱାଙ୍ଗର ୟାଙ୍ଗସ୍ଟେ ସଂଘର୍ଷ ଏବଂ ପରବର୍ତ୍ତୀ ବର୍ଷଗୁଡ଼ିକରେ ଜାରି ରହିଥିବା କୂଟନୈତିକ ପ୍ରୟାସ ଏହା ସ୍ପଷ୍ଟ କରିଥିଲା ଯେ, ସୀମାରେ ଶାନ୍ତି ପ୍ରତିଷ୍ଠା କେବଳ ଗୋଟିଏ ନିରନ୍ତର ପ୍ରକ୍ରିୟା। ୨୦୨୪ମସିହା ଅକ୍ଟୋବରରେ ଦେପସାଙ୍ଗ ଓ ଦେମଚୋକରେ ପାଟ୍ରୋଲିଂ ବ୍ୟବସ୍ଥା ନେଇ ବୁଝାମଣା ଏବଂ ସୈନ୍ୟ ପ୍ରତ୍ୟାହାର ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ତେବେ ବୁଝାମଣା ଓ ସ୍ଥାୟୀ ସମାଧାନ ମଧ୍ୟରେ ସବୁ ସମୟରେ ପାର୍ଥକ୍ୟ ରହିଛି। ୨୦୨୬ ଅକ୍ଟୋବରର ସାମ୍ପ୍ରତିକ ରିପୋର୍ଟ ଅନୁସାରେ, ଅରୁଣାଚଳ ପ୍ରଦେଶର କେତେକ ସ୍ଥାନରେ ଭାରତୀୟ ଓ ଚୀନ୍ ସୈନ୍ୟଙ୍କ ମଧ୍ୟରେ ପୁନର୍ବାର ମୁହାଁମୁହିଁ ସ୍ଥିତି ଉପୁଜିଛି। ଭାରତୀୟ କର୍ତ୍ତୃପକ୍ଷ ସୀମାରେ ପାଟ୍ରୋଲିଂ ପଦ୍ଧତିରୁ ବିଚ୍ୟୁତିକୁ ଉତ୍ତେଜନାର ଏକ କାରଣ ବୋଲି ଦର୍ଶାଇଛନ୍ତି। ତେଣୁ ୨୦୨୬ ମସିହାରେ କୌଣସି ନୂଆ ବଡ଼ ଯୁଦ୍ଧ ହୋଇନାହିଁ ବୋଲି କହିବା ଓ ସୀମାରେ ଉତ୍ତେଜନା ନାହିଁ ବୋଲି କହିବା ସମାନ କଥା ନୁହେଁ।

ଭାରତ ପାଇଁ ଆଗାମୀ ସମାଧାନରପଥ ତିନୋଟି ମୂଳ ନୀତି ଉପରେ ଆଧାରିତ ହେବା ଉଚିତ। ପ୍ରଥମତଃ, ସୀମା ସୁରକ୍ଷା, ଗୁପ୍ତଚର ବ୍ୟବସ୍ଥା, ଯୋଗାଯୋଗ ଓ ସୀମାନ୍ତ ଭିତ୍ତିଭୂମିକୁ ସୁଦୃଢ଼ କରିବା। ଦ୍ୱିତୀୟତଃ, ସୀମା ବିବାଦର ସ୍ଥାୟୀ ସମାଧାନ ପାଇଁ ସାମରିକ ଓ କୂଟନୈତିକ ଆଲୋଚନାକୁ ନିୟମିତ ଏବଂ କାର୍ଯ୍ୟକ୍ଷେତ୍ରରେ ଫଳପ୍ରଦ କରିବା ଉଚିତ। ତୃତୀୟତଃ, ଚୀନ୍ ସହିତ ବାଣିଜ୍ୟିକ ସମ୍ପର୍କ ରଖିବା ସତ୍ତ୍ୱେ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ପ୍ରଯୁକ୍ତି ଓ ଯୋଗାଣ ଶୃଙ୍ଖଳରେ ଅତ୍ୟଧିକ ନିର୍ଭରଶୀଳତା ହ୍ରାସ କରିବା। ସୀମାନ୍ତରେ ବସବାସ କରୁଥିବା ଲୋକଙ୍କ ବିକାଶ, ରାସ୍ତା, ଯୋଗାଯୋଗ, ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା ମଧ୍ୟ ଜାତୀୟ ସୁରକ୍ଷାର ଅଂଶ ହେବା ଆବଶ୍ୟକ। କେବଳ ସାମରିକ ଶକ୍ତି ନୁହେଁ, ଏକ ସୁଦୃଢ଼ ଅର୍ଥନୀତି ଓ ଆତ୍ମନିର୍ଭର ପ୍ରଯୁକ୍ତି ହିଁ ଦୀର୍ଘକାଳୀନ ସୁରକ୍ଷାର ଭିତ୍ତି।

୧୯୫୯ରୁ ୨୦୨୬ ମସିହା ପର୍ଯ୍ୟନ୍ତ ଘଟଣାକ୍ରମର ମୂଳ ଶିକ୍ଷା ହେଉଛି, ସୀମା ବିବାଦକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସଜୀବ ରଖିବା କୌଣସି ରାଷ୍ଟ୍ରର ଦୀର୍ଘକାଳୀନ ସ୍ୱାର୍ଥ ପାଇଁ ସହାୟକ ହୋଇପାରିବ ନାହିଁ। ଭାରତକୁ ନିଜ ସାର୍ବଭୌମତ୍ୱ ଓ ଭୂଖଣ୍ଡୀୟ ଅଖଣ୍ଡତା ରକ୍ଷାରେ ଦୃଢ଼ ରହିବାକୁ ହେବ; ତା' ସହିତ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଦ୍ୱାର ଖୋଲା ରଖିବାକୁ ହେବ। ପ୍ରକୃତ ବିଜୟ କେବଳ ସୀମାରେ ପ୍ରାଧାନ୍ୟ ପ୍ରତିଷ୍ଠା ନୁହେଁ; ବରଂ ଏପରି ବ୍ୟବସ୍ଥା ଗଢ଼ିବା, ଯେଉଁଠାରେ ଦେଶର ସୁରକ୍ଷା ଅକ୍ଷୁଣ୍ଣ ରହିବ ଏବଂ ସୈନିକଙ୍କ ଜୀବନ ଅନାବଶ୍ୟକ ସଂଘର୍ଷରେ ବିପନ୍ନ ହେବ ନାହିଁ। ସୀମାରେ ସତର୍କତା ଓ ବିବେକ ଅନୁସାରେ ଫଳପ୍ରସୂ ଆଲୋଚନା, ଏହି ଦୁଇର ସମନ୍ୱୟ ହିଁ ଭାରତ-ଚୀନ୍ ସମ୍ପର୍କର ଭବିଷ୍ୟତ ନିର୍ଣ୍ଣୟ କରିବ। ■

ମୋ: ୯୪୩୭୧୨୩୮୯୨





ଭାରତ-ଚୀନ୍ ସୀମା ବିବାଦ

ଇତିହାସ ଓ ବର୍ତ୍ତମାନ

ଭାରତ ଓ ଚୀନ୍ ଏସିଆର ଦୁଇଟି ପ୍ରମୁଖ ରାଷ୍ଟ୍ର। ଉଭୟ ଦେଶର ଐତିହାସିକ ସମ୍ପର୍କ, ବାଣିଜ୍ୟ ଓ ସାଂସ୍କୃତିକ ଆଦାନପ୍ରଦାନ ଦୀର୍ଘକାଳୀନ ହୋଇଥିଲେ ମଧ୍ୟ ସୀମା ନିର୍ଦ୍ଧାରଣକୁ ନେଇ ଦଶନ୍ଧି ଦଶନ୍ଧି ଧରି ବିବାଦ ରହିଆସିଛି। ଏହି ବିବାଦର ମୁଖ୍ୟ କ୍ଷେତ୍ର ହେଉଛି ପଶ୍ଚିମରେ ଲଦାଖ, ମଧ୍ୟଭାଗରେ ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର କିଛି ଅଞ୍ଚଳ ଏବଂ ପୂର୍ବରେ ଅରୁଣାଚଳ ପ୍ରଦେଶ।

ଇଂ. ଶୁଭମ ଶାଶ୍ୱତ ପୃଷ୍ଟି

୧୯୧୪ ମସିହାର ସିମଲା ଶିଖର ସମ୍ମିଳନୀ ସମୟରେ ବ୍ରିଟିଶ୍ ଭାରତ ଓ ତିବ୍ବତ ମଧ୍ୟରେ ମ୍ୟାକମୋହନ୍ ରେଖା ନିର୍ଦ୍ଧାରଣ କରାଯାଇଥିଲା। ଭାରତ ଏହାକୁ ପୂର୍ବ ସୀମାର ଆଧାର ଭାବେ ଗ୍ରହଣ କରୁଥିବାବେଳେ ଚୀନ୍ ଏହାକୁ ସ୍ୱୀକାର କରେ ନାହିଁ। ପଶ୍ଚିମ ଭାଗରେ ଅକ୍ସାଇ ଚୀନ୍ ଅଞ୍ଚଳକୁ ନେଇ ମଧ୍ୟ ଦୁଇ ଦେଶର ଦାବି ପରସ୍ପର ବିରୋଧୀ। ଏହି ଅଞ୍ଚଳ ଚୀନ୍‌ର ନିୟନ୍ତ୍ରଣରେ ଥିବାବେଳେ ଭାରତ ଏହାକୁ ଲଦାଖର ଅଂଶ ଭାବେ ଧାରା ୩୭୦ ଉଚ୍ଛେଦ ସମୟରେ ଉଲ୍ଲେଖ କରିସାରିଛି। ଐତିହାସିକ ମାନଚିତ୍ର, ଭୌଗୋଳିକ ଅବସ୍ଥିତି ଓ ରଣନୈତିକ ସ୍ୱାର୍ଥ ଏହି ବିବାଦକୁ ଅଧିକ ଜଟିଳ କରିଛି।

ଡୋକଲାମ୍, ଗଲୱାନ୍ ଓ ଅରୁଣାଚଳ: ସୀମା ବିବାଦର ନୂତନ ଅଧ୍ୟାୟ

୨୦୧୭ ମସିହାରେ ଭୁଟାନ୍‌ର ଡୋକଲାମ୍ ଅଞ୍ଚଳରେ ଚୀନ୍‌ର ସଡ଼କ ନିର୍ମାଣକୁ ନେଇ ଭାରତ ଓ ଚୀନ୍ ସେନା ମଧ୍ୟରେ ପ୍ରାୟ ୭୩ ଦିନ ଧରି ମୁହାଁମୁହିଁ ସ୍ଥିତି ରହିଥିଲା। ଭାରତର ସିଲିଗୁଡ଼ି କରିଡର୍‌ର ନିକଟବର୍ତ୍ତୀ ହୋଇଥିବାରୁ ଏହି ଅଞ୍ଚଳର ରଣନୈତିକ ଗୁରୁତ୍ୱ ଅଧିକ। କୂଟନୈତିକ ଆଲୋଚନା ପରେ ଉଭୟ ପକ୍ଷ ସେଠାରୁ ସେନା ପ୍ରତ୍ୟାହାର କରିଥିଲେ। କିନ୍ତୁ ୨୦୨୦ ମସିହାରେ ପୂର୍ବ ଲଦାଖରେ ପୁନର୍ବାର ଉତ୍ତେଜନା ସୃଷ୍ଟି ହୋଇଥିଲା। ଜୁନ୍ ୧୫ ତାରିଖରେ ଗଲୱାନ୍ ଉପତ୍ୟକାରେ ଘଟିଥିବା ସଂଘର୍ଷରେ ୨୦ ଜଣ ଭାରତୀୟ ସୈନିକ ସହିଦ ହୋଇଥିବା ବେଳେ ଚୀନର ଶତାଧିକ ସୈନ୍ୟ ମୃତାହତ ହୋଇଥିଲେ। ଯାହାର ତଥ୍ୟକୁ ଚୀନ ଲୁଚାଇଥିଲା । ଏହି ଘଟଣା ଦୁଇ ଦେଶର ସମ୍ପର୍କକୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ପରବର୍ତ୍ତୀ ସମୟରେ ଉଭୟ ଦେଶ ଅନେକ ପର୍ଯ୍ୟାୟରେ ସାମରିକ ଓ କୂଟନୈତିକ ଆଲୋଚନା କରିଥିଲେ। ୨୦୨୪ ଅକ୍ଟୋବରରେ ଡେପସାଙ୍ଗ ଓ ଡେମଚୋକ୍ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା ନେଇ ବୁଝାମଣା ହୋଇଥିଲା। ଏହା ଦୀର୍ଘ ସମୟ ଧରି ଚାଲିଥିବା ସାମରିକ ଉତ୍ତେଜନା ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା।

ସେହିପରି ଭାରତ–ଚୀନ୍ ସୀମା ବିବାଦର ଅନ୍ୟତମ ପ୍ରମୁଖ କେନ୍ଦ୍ର ହେଉଛି ଅରୁଣାଚଳ ପ୍ରଦେଶ। ଭାରତ ଏହି ରାଜ୍ୟକୁ ନିଜର ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରୁଥିବାବେଳେ ଚୀନ୍ ଏହାର ବଡ଼ ଅଂଶ ଉପରେ ଦାବି କରି ଏହାକୁ 'ଦକ୍ଷିଣ ତିବ୍ବତ' ବା 'ଜାଙ୍ଗନାନ୍' ବୋଲି ଉଲ୍ଲେଖ କରେ। ଏପ୍ରିଲ୍‌ରେ ଚୀନ୍ ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନକୁ ନୂଆ ନାମ ଦେବା ପଦକ୍ଷେପ ନେବା ପରେ ଭାରତ ଏହାକୁ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଥିଲା। ଅଗଷ୍ଟରେ ଭାରତ ସରକାର ମଧ୍ୟ ରାଜ୍ୟର ୨୭ଟି ସ୍ଥାନ ଓ ଭୌଗୋଳିକ ବିଶେଷତ୍ୱର ନାମକୁ ସର୍ଭେ ଅଫ୍ ଇଣ୍ଡିଆର ମାନଚିତ୍ରରେ ଆନୁଷ୍ଠାନିକ ଭାବେ ଲିପିବଦ୍ଧ କରିଥିଲେ। ଚୀନ୍ ଏହି ପଦକ୍ଷେପକୁ ବିରୋଧ କରିଥିଲା। ଅକ୍ଟୋବର ୨୦୨୬ରେ ଅରୁଣାଚଳ ପ୍ରଦେଶରେ ଚୀନ୍ ସେନା ସହ କଥିତ ମୁହାଁମୁହିଁ ସ୍ଥିତି ସମ୍ପର୍କରେ କିଛି ରିପୋର୍ଟ ପ୍ରକାଶ ପାଇଛି; ତେବେ ଏହାକୁ ଏକ ନୂତନ ସାମରିକ ସଂଘର୍ଷ ବୋଲି ନିଶ୍ଚିତ କରିବା ପାଇଁ ସ୍ପଷ୍ଟ ଆଧିକାରିକ ତଥ୍ୟ ସେନା ପକ୍ଷରୁ ଦିଆ ଯାଇନାହିଁ।



ବର୍ତ୍ତମାନ ସ୍ଥିତି: କୂଟନୀତି ଓ ସୀମା ପରିଚାଳନା

୨୦୨୬ ମସିହାରେ ଭାରତ ଓ ଚୀନ୍ ସୀମା ବିବାଦର ସମାଧାନ ପାଇଁ ଆଲୋଚନା ଜାରି ରଖିଛନ୍ତି। ଅଗଷ୍ଟ ୬ ତାରିଖରେ ନୂଆଦିଲ୍ଲୀରେ ସୀମା ବ୍ୟାପାର ସମ୍ପର୍କିତ ଆଲୋଚନା ବ୍ୟବସ୍ଥା (WMCC)ର ୩୬ତମ ବୈଠକ ହୋଇଥିଲା। ଏଥିରେ ପ୍ରକୃତ ନିୟନ୍ତ୍ରଣ ରେଖାର ସ୍ଥିତି, ସୀମା ପରିଚାଳନା ଓ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ମଜବୁତ କରିବା ଉପରେ ଆଲୋଚନା ହୋଇଥିଲା।


ଅଗଷ୍ଟ ୨୫ ତାରିଖରେ ବେଜିଂଠାରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ ଚୀନ୍‌ର ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟିଙ୍ଗ ମଧ୍ୟରେ ସୀମା ବିବାଦ ସମ୍ପର୍କିତ ୨୫ତମ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଏଥିରେ ସୀମା ନିର୍ଦ୍ଧାରଣ, ସାମରିକ ଯୋଗାଯୋଗ ଓ ଶାନ୍ତି ବଜାୟ ରଖିବା ପାଇଁ ନୂତନ ବ୍ୟବସ୍ଥା ଉପରେ ସହମତି ପ୍ରକାଶ ପାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ୨୦୨୭ ମସିହାରେ ଭାରତରେ ଆୟୋଜନ କରିବାକୁ ସ୍ଥିର ହୋଇଥିଲା। ତଥାପି ଏହି ଆଲୋଚନାଗୁଡ଼ିକକୁ ସୀମା ବିବାଦର ସମ୍ପୂର୍ଣ୍ଣ ସମାଧାନ ବୋଲି କୁହାଯାଇପାରିବ ନାହିଁ। ଉଭୟ ଦେଶର ଭୌଗୋଳିକ ଦାବି ଭିନ୍ନ ଥିବାରୁ ଏକ ସ୍ଥାୟୀ ସମାଧାନ ପାଇଁ ଦୀର୍ଘକାଳୀନ କୂଟନୈତିକ ପ୍ରୟାସ ଆବଶ୍ୟକ।

ଭାରତର ସୁରକ୍ଷା ରଣନୀତି ଓ ଶାନ୍ତିପୂର୍ଣ୍ଣ ସମାଧାନ

ଭାରତ ପାଇଁ ସୀମା ସୁରକ୍ଷା, ଜାତୀୟ ସାର୍ବଭୌମତ୍ୱ ଓ ଭୌଗୋଳିକ ଅଖଣ୍ଡତା ସର୍ବୋଚ୍ଚ ପ୍ରାଥମିକତା। ଏଥିପାଇଁ ସୀମାନ୍ତ ଅଞ୍ଚଳରେ ସଡ଼କ, ସେତୁ, ସୁଡ଼ଙ୍ଗ ଓ ଯୋଗାଯୋଗ ଭିତ୍ତିଭୂମିର ବିକାଶ ସହିତ ସେନାର ଆଧୁନିକୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ସୀମାରେ ନିରୀକ୍ଷଣ ଓ ତ୍ୱରିତ ସାମରିକ ପ୍ରତିକ୍ରିୟା କ୍ଷମତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ, ଚୀନ୍ ସହିତ ବାଣିଜ୍ୟ ଓ ଆଞ୍ଚଳିକ ସହଯୋଗ ଭାରତର ଅର୍ଥନୈତିକ ସ୍ୱାର୍ଥ ସହିତ ଜଡ଼ିତ। ତେଣୁ ସାମରିକ ସତର୍କତା ସହିତ କୂଟନୈତିକ ଆଲୋଚନା ଜାରି ରଖିବା ଆବଶ୍ୟକ। ନିୟମିତ ସାମରିକ ଯୋଗାଯୋଗ, ବୁକ୍ତିଗୁଡ଼ିକର ପାଳନ ଓ ପାରସ୍ପରିକ ବିଶ୍ୱାସ ବୃଦ୍ଧି ଭବିଷ୍ୟତରେ ସଂଘର୍ଷ ଏଡ଼ାଇବାରେ ସହାୟକ ହୋଇପାରେ।

ଭାରତ–ଚୀନ୍ ସୀମା ବିବାଦ କେବଳ ଭୂଖଣ୍ଡର ପ୍ରଶ୍ନ ନୁହେଁ; ଏହା ଏସିଆର ଶକ୍ତି ସନ୍ତୁଳନ, ଜାତୀୟ ସୁରକ୍ଷା ଓ ଆଞ୍ଚଳିକ ସ୍ଥିରତା ସହିତ ମଧ୍ୟ ଜଡ଼ିତ। ଦୃଢ଼ ପ୍ରତିରକ୍ଷା ପ୍ରସ୍ତୁତି, ନିରନ୍ତର କୂଟନୀତି ଓ ଦାୟିତ୍ୱପୂର୍ଣ୍ଣ ସୀମା ପରିଚାଳନାର ସମନ୍ୱୟ ହିଁ ଏହି ଦୀର୍ଘକାଳୀନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନର ପଥ ପ୍ରଶସ୍ତ କରିପାରିବ। ■

ରାଜେନ୍ଦ୍ର ନଗର, ନୂଆଦିଲ୍ଲୀ
ମୋ: ୯୪୩୮୩୨୮୦୨୫



୧୯୬୨ ଯୁଦ୍ଧ ଓ ପରବର୍ତ୍ତୀ ସାମରିକ ଉତ୍ତେଜନା

୧୯୫୦ ମସିହାରେ ଭାରତ–ଚୀନ୍ ସମ୍ପର୍କରେ ସହଯୋଗର ଆଶା ଥିଲା। କିନ୍ତୁ ତିବ୍ବତ, ସୀମା ନିର୍ଦ୍ଧାରଣ ଓ ଅକ୍ସାଇ ଚୀନ୍‌ରେ ଚୀନ୍‌ର ସଡ଼କ ନିର୍ମାଣକୁ ନେଇ ମତଭେଦ ବଢ଼ିଥିଲା। ଫଳସ୍ୱରୂପ, ୧୯୬୨ ମସିହାରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏହି ଯୁଦ୍ଧରେ ଭାରତୀୟ ସେନା ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଚୀନ୍ ଅକ୍ସାଇ ଚୀନ୍ ଉପରେ ନିଜର ନିୟନ୍ତ୍ରଣ ବଜାୟ ରଖିଥିଲା।

ଯୁଦ୍ଧ ପରେ ମଧ୍ୟ ସୀମା ବିବାଦର ସ୍ଥାୟୀ ସମାଧାନ ହୋଇପାରିନଥିଲା। ୧୯୬୭ ମସିହାରେ ସିକ୍କିମ୍‌ର ନାଥୁଲା ଓ ଚୋଲା ଅଞ୍ଚଳରେ ସଂଘର୍ଷ ହୋଇଥିଲା। ୧୯୮୬–୮୭ ମସିହାରେ ସୁମଦୋରୋଙ୍ଗ ଚୁ ଅଞ୍ଚଳରେ ମଧ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ଦଶନ୍ଧିଗୁଡ଼ିକରେ ଉଭୟ ଦେଶ ସୀମାରେ ଶାନ୍ତି ବଜାୟ ରଖିବା ପାଇଁ ବୁକ୍ତି ଓ ଆଲୋଚନା ବ୍ୟବସ୍ଥା ଗ୍ରହଣ କରିଥିଲେ। ତଥାପି ପ୍ରକୃତ ନିୟନ୍ତ୍ରଣ ରେଖା (LAC) ର ସଠିକ୍ ଅବସ୍ଥିତିକୁ ନେଇ ଦୁଇ ଦେଶର ମତଭେଦ ରହିଛି।






ଭାରତ-ଚୀନ୍ ସଂଘର୍ଷ ଓ ରାଜିନାମା

ଭାରତ -ଚୀନ୍ ସୀମା ବିବାଦ ନୂଆଁ କଥା ନୁହେଁ। ପୂର୍ବରୁ ଅନେକ ଥର ଦୁଇ ଦେଶର ସେନା ଭିତରେ ସଂଘର୍ଷ ହୋଇଛି। ଗୁଳି ବିନିମୟରେ ଉଭୟ ପକ୍ଷର ଅନେକ ସୈନିକଙ୍କ ମୃତ୍ୟୁ ହୋଇଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ପରେ ମଧ୍ୟ ସୀମା ବିବାଦ ତୁଟି ନାହିଁ। ଏହା ପଛର କାରଣ କ'ଣ? ବିବାଦ ତୁଟାଇବା ପାଇଁ ଅତୀତରେ କ'ଣ ରାଜିନାମା ହୋଇଥିଲା? ଏହି ସବୁକୁ ନେଇ ପ୍ରସ୍ତୁତ ଏଇ ସ୍ୱତନ୍ତ୍ର ଉପସ୍ଥାପନା।

ଭାରତ-ଚୀନ ସୀମା ବିବାଦ ବହୁତ ପୁରୁଣା। ସୀମାକୁ ନେଇ ଉଭୟ ଦେଶ ମଧ୍ୟରେ ପ୍ରଥମରୁ ବିବାଦ ଲାଗି ରହିଛି। ୧୯୬୨ ମସିହାରେ ଭାରତ ଓ ଚୀନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଏହି ଯୁଦ୍ଧ ଲଦ୍ଦାଖ ଓ ପୂର୍ବୋତ୍ତର ସୀମା ଅଞ୍ଚଳରେ ହୋଇଥିଲା। ବର୍ତ୍ତମାନ ଏହା ଅରୁଣାଚଳ ପ୍ରଦେଶରେ ରହିଛି। ଭାରତ ମ୍ୟାକମୋହନ ରେଖାକୁ ନିଜ ସୀମା ବୋଲି ସ୍ୱୀକାର କରିଥାଏ। ସେପଟେ ଚୀନ ଏହି ସୀମାକୁ ଅସ୍ୱୀକାର କରିଥାଏ। ୧୯୬୨ ମସିହା ନଭେମ୍ବରରେ ଚୀନ ଯୁଦ୍ଧ ବିରତି ଘୋଷଣା କରିଥିଲା। ତେବେ ଯୁଦ୍ଧ ପରେ ମଧ୍ୟ ସୀମା ବିବାଦ ଶେଷ ହୋଇନାହିଁ। ଆଜି ମଧ୍ୟ ସୀମାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଲାଗିରହିଛି।





'ନାଥୁ ଲା' ଏବଂ 'ଚୋ ଲା'ରେ ସଂଘର୍ଷ

୧୯୬୭ ମସିହା ସେପ୍ଟେମ୍ବର ଓ ଅକ୍ଟୋବରରେ ସିକ୍କିମର 'ନାଥୁ ଲା' ଏବଂ 'ଚୋ ଲା' ନିକଟରେ ଭାରତୀୟ ଓ ଚୀନା ସେନା ମଧ୍ୟରେ ଲଢ଼େଇ ହୋଇଥିଲା। ସୀମାରେ ତାର ଲଗାଇବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା। ଏଥିରେ ଦୁଇ ଦେଶର କେତେକ ସୈନିକଙ୍କ ମୃତ୍ୟୁ ହୋଇଥିଲା।

'ତୁଲୁଙ୍ଗ ଲା'ରେ ଆକ୍ରମଣ

୧୯୭୫ ଅକ୍ଟୋବର ୨୦ ତାରିଖରେ ଅରୁଣାଚଳ ପ୍ରଦେଶର 'ତୁଲୁଙ୍ଗ ଲା' ଅଞ୍ଚଳରେ ଭାରତୀୟ ସୈନିକଙ୍କ ଏକ ଟିମ୍ ଉପରେ ଆକ୍ରମଣ ହୋଇଥିଲା। ଭାରତ ସରକାରଙ୍କ ସୂଚନା ଅନୁସାରେ, ଏହି ଘଟଣାରେ ଚାରି ଜଣ ଭାରତୀୟ ଯବାନ ସହିଦ ହୋଇଥିଲେ। ଏହାପରେ ଦୀର୍ଘ ଦିନ ପର୍ଯ୍ୟନ୍ତ ଗୁଳି ବିନିମୟରେ ଭାରତୀୟ ଯବାନଙ୍କ ମୃତାହତ ଘଟଣା ସାମ୍ନାକୁ ଆସି ନଥିଲା।



ଗଲୱାନ୍ ଘାଟିରେ ହିଂସାତ୍ମକ ସଂଘର୍ଷ

୨୦୨୦ ମସିହାରେ ଭାରତ ଓ ଚୀନ ସୈନିକଙ୍କ ମଧ୍ୟରେ ପୂର୍ବ ଲଦ୍ଦାଖର କେତେକ ଅଞ୍ଚଳରେ ହିଂସାତ୍ମକ ସଂଘର୍ଷ ହୋଇଥିଲା। ୨୦୨୦ ଜୁନ୍ ୧୫-୧୬ ତାରିଖ ରାତିରେ ଗଲୱାନ୍ ଘାଟିରେ ଉଭୟ ପକ୍ଷର ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଲାଗି ରହିଥିଲା। ଏହି ଘଟଣାରେ ଭାରତର ୨୦ ଜଣ ଯବାନ ଶହୀଦ ଦେଇଥିଲେ। ସେପଟେ ଚୀନ ନିଜର ଚାରି ଜଣ ସୈନିକ ପ୍ରାଣ ହରାଇଥିବା ସୂଚନା ଦେଇଥିଲା। ରକ୍ତାକ୍ତ ସଂଘର୍ଷ ପରେ ଉଭୟ ଦେଶ ସୀମାରେ ନିଜ ନିଜର ସୈନିକ ସଂଖ୍ୟା ବଢ଼ାଇ ଦେଇଥିଲେ। ସୀମାକୁ ନେଇ ଭାରତ-ଚୀନ ସେନା ମଧ୍ୟରେ ବାରମ୍ବାର ଖଣ୍ଡଯୁଦ୍ଧ ହେଉଥିବାରୁ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି। ତେବେ ଦୁଇ ଦେଶ ଭିତରେ ଶାନ୍ତି ପ୍ରତିଷ୍ଠା ପାଇଁ ଅନେକ ଥର ଉଦ୍ୟମ ହୋଇଛି। ତଥାପି ସଫଳତା ମିଳି ପାରିନାହିଁ।



ପଞ୍ଚଶୀଳ ରାଜିନାମା

୧୯୫୪ ମସିହାରେ ଭାରତ-ଚୀନ ମଧ୍ୟରେ ପଞ୍ଚଶୀଳ ରାଜିନାମା ହୋଇଥିଲା। ଏହି ଚୁକ୍ତିନାମାରେ ଶାନ୍ତିପୂର୍ଣ୍ଣ ସହିତ ଅସ୍ତିତ୍ୱ କଥା କୁହାଯାଇଥିଲା। ତେବେ ପଶ୍ଚିମ ଅଞ୍ଚଳ (ଅକ୍ସାଇ ଚୀନ) ଓ ପୂର୍ବାଞ୍ଚଳ (ଅରୁଣାଚଳ ପ୍ରଦେଶ)କୁ ନେଇ ମତଭେଦ ଭିତରେ ଭିତରେ ବଢ଼ିବାରେ ଲାଗିଥିଲା। ୧୯୫୯ ମସିହାରେ ତିବ୍ବତରେ ଚୀନ ବିରୁଦ୍ଧରେ ଏକ ବଡ଼ ଜନବିଦ୍ରୋହ ହୋଇଥିଲା। ଏହି ବିଦ୍ରୋହକୁ ଦମନ କରିବା ପାଇଁ ଚୀନ ଅତି ନିର୍ଦ୍ଦୟ ଭାବେ ଚାପ ପ୍ରୟୋଗ କଲା। ଫଳରେ ୧୯୫୯ ମସିହାରେ ତିବ୍ବତୀୟ ଆଧ୍ୟାତ୍ମିକ ଗୁରୁ ଦଲାଇ ଲାମା ଭାରତରେ ଶରଣ ନେଇଥିଲେ। ଭାରତ ପକ୍ଷରୁ ତାଙ୍କୁ ରାଜନୀତିକ ଶରଣ ଦିଆଯାଇଥିବାରୁ ଚୀନ ଉଗ୍ର ହୋଇପଡ଼ିଥିଲା। ଚୀନକୁ ଲାଗିଲା ତିବ୍ବତର ବିଦ୍ରୋହୀମାନଙ୍କୁ ଭାରତ ସମର୍ଥନ କରୁଛି। ଏହା ପରେ ସୀମା ବିବାଦକୁ ନେଇ ଉଭୟ ଦେଶର ସେନା ମଧ୍ୟରେ ଛୋଟ ଛୋଟ ସଂଘର୍ଷ ଆରମ୍ଭ ହୋଇଥିଲା। ଏହାରି ଭିତରେ ଚୀନ ଚୁପଚାପ୍ ସୀମା ନିକଟରେ ନିୟମିତ ଚେକ୍ ପୋଷ୍ଟ ତିଆରି କରିବାରେ ଲାଗିଲା। ସେପଟେ ଚୀନର ଗତିବିଧିକୁ ଜବାବ ଦେବାକୁ ଭାରତ ମଧ୍ୟ ଚେକ୍ ପୋଷ୍ଟ କରିବା ଆରମ୍ଭ କଲା। ଭାରତର ବିଶ୍ୱାସ ଥିଲା ଯେ, ଏହି ନୀତି ଯୋଗୁଁ ଚୀନ ଅଟକି ଯିବ, କିନ୍ତୁ ସେ ଅଟକିଲା ନାହିଁ।

ସୀମା ବିବାଦକୁ ନେଇ ଭାରତ-ଚୀନ ସେନା ମଧ୍ୟରେ ବାରମ୍ବାର ସଂଘର୍ଷ ଲାଗି ରହିଛି। ଶାନ୍ତି ପ୍ରତିଷ୍ଠା ପାଇଁ ଦ୍ୱିପାକ୍ଷିକ ଆଲୋଚନା ହେଉଛି। ତଥାପି ଏହି ସମସ୍ୟାର ସମାଧାନ ହେଉନାହିଁ। ତେଣୁ ଉଭୟ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ୟାର ସମାଧାନ କରାଯିବା ଅତ୍ୟନ୍ତ ଜରୁରୀ। ■



ନୀତି ଅନୀତି ରାଜନୀତି

ଶ୍ରୀବିଦୂର

କହିଲେ କୁଳ କୁଟୁମ୍ବଙ୍କୁ ଲାଜ!



ପ୍ରଶାସନର ପ୍ରାଥମିକତା କ'ଣ ହେବା ଆବଶ୍ୟକ ? ସାଧାରଣ ଲୋକଙ୍କ ସେବା ନା ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କୁ ରାଜକୀୟ ଆତିଥ୍ୟ ? ସମ୍ଭବତଃ ପ୍ରଶାସନ ଏ କଥା ବୁଝି ପାରିନାହିଁ ଓ ନିର୍ବାଚିତ ଲୋକପ୍ରତିନିଧି ଏହାକୁ ବୁଝିବାକୁ ପ୍ରସ୍ତୁତ ନୁହନ୍ତି । ବାତ୍ୟା ଓ ବନ୍ୟା ପ୍ରଭାବିତ ଲୋକଙ୍କ ମୁଣ୍ଡ ଉପରେ ଛାତ ନାହିଁ, ଘରେ ଖାଇବାକୁ ଖାଦ୍ୟ ସାମଗ୍ରୀ ନାହିଁ; ସେମାନଙ୍କୁ ଉଦ୍ଧାର, ଥଇଥାନ ଓ ଖାଦ୍ୟ ଯୋଗାଣ ପରିବର୍ତ୍ତେ କୋରାପୁଟରେ ପ୍ରଶାସନ ଉପମୁଖ୍ୟମନ୍ତ୍ରୀଙ୍କୁ ଆତିଥ୍ୟ ଓ ସତ୍କାର ଦେବାରେ ପୂରାପୂରି ବ୍ୟସ୍ତ । ଘର ଭାଙ୍ଗିଥିବା ଲୋକଙ୍କୁ ଥଇଥାନ କରିବାକୁ କେତେ ସମୟ ଲାଗିବ, ବାତ୍ୟା ପ୍ରଭାବିତଙ୍କୁ କ୍ଷୟକ୍ଷତି ପ୍ରଦାନ କରିବାକୁ କେତେଦିନ ଲାଗିବ, ତାହା ଜଣା ନାହିଁ । ହେଲେ ପ୍ରୋଟୋକଲ ନାଁରେ ଗାର୍ଡ ଅଫ୍ ଅନର ଦେବାରେ ପ୍ରଶାସନ ସାମାନ୍ୟ ଅବହେଳା କରିନାହିଁ । ପ୍ରଶାସନ ତ ଯାହା କଲା, ତାହା ଭିନ୍ନ କଥା । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ଚାହିଁଥିଲେ ଏହି ତଥାକଥିତ ଔପଚାରିକତା ବନ୍ଦ କରିବାକୁ କହିପାରିଥାଆନ୍ତେ । ସମ୍ଭାବ୍ୟ ପ୍ରଭାବିତଙ୍କୁ ଥଇଥାନ କାମକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇପାରିଥାଆନ୍ତେ । କିନ୍ତୁ ଏହି ବିରଳ ସୁଯୋଗଟି ସେ ହାତଛଡ଼ା କଲେ । ପ୍ରୋଟୋକଲ ନାଁରେ ନେତା ଓ ମନ୍ତ୍ରୀଙ୍କୁ ସମ୍ମାନ ଦେବାରେ ପ୍ରଶାସନ ଯେତିକି ଯତ୍ନବାନ ହୋଇପାରିଲା; ସେତିକି ଆନ୍ତରିକତା ଦେଖାଇଥିଲେ ବାତ୍ୟା ଓ ବନ୍ୟା ପ୍ରଭାବିତଙ୍କ ଜୀବନରେ ଅନେକ ପରିବର୍ତ୍ତନ ହୋଇପାରିଥାଆନ୍ତା । ବିପଦ ବେଳେ ଗାର୍ଡ ଅଫ୍ ଅନର ପରି ଔପଚାରିକ ଆଡ଼ମ୍ବରକୁ ବାରଣ କରିଥିଲେ ବରଂ ଉପମୁଖ୍ୟମନ୍ତ୍ରୀ ଲୋକଙ୍କ ଆନ୍ତରିକ ସମ୍ମାନର ପାତ୍ର ହୋଇପାରିଥାଆନ୍ତେ । ହେଲେ ପ୍ରଚାର ପ୍ରବଣ, ସମ୍ମାନକାତର ନେତାମାନଙ୍କୁ ଏହି ସାଧାରଣ କଥାଟି କିଏ ବୁଝାଇବ ? ■

ସମୟ ବଡ଼ ବଳବାନ



ରାଜନୀତିରେ ଅହଂକାରର ଆୟୁଷ ବହୁତ କମ୍ । ଏ କଥାଟି ଯିଏ ବୁଝି ପାରିନାହିଁ, ସେ କଦାପି ରାଜନୀତିରେ ତିଷ୍ଠି ପାରି ନାହିଁ । ଏଇ କିଛି ଦିନ ତଳେ ପ୍ରବଳ ବର୍ଷା ଜନିତ କ୍ଷୟକ୍ଷତି ସମ୍ପର୍କରେ ଗଣମାଧ୍ୟମର ପ୍ରଶ୍ନରେ ଇନ୍ଦ୍ରଙ୍କ ଫୋନ୍ ନମ୍ବର ମାଗି ଶଙ୍ଖପତି ନବୀନ ପଟ୍ଟନାୟକଙ୍କୁ ପରୋକ୍ଷ କଟାକ୍ଷ କରିଥିଲେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ରାଜସ୍ୱ ମନ୍ତ୍ରୀଙ୍କ କଟାକ୍ଷକୁ ତାଙ୍କ ଦଳର କିଛି ଲୋକ ଭାରି ପ୍ରଶଂସା ବି କରିଥିଲେ । ମାତ୍ର କେଇଟା ଦିନ ଯାଇନାହିଁ, ସୁରେଶବାବୁ ଓ ତାଙ୍କ ଦଳର ନେତାମାନଙ୍କ ଅହଂକାରକୁ ମାଟି ଓ ପାଣିରେ ଗୋଳି ଭସାଇ ଦେଇଛି ବାତ୍ୟା ଅର୍ଣ୍ଣବ । ବାତ୍ୟା ଓ ପ୍ରବଳ ବର୍ଷା ଜନିତ ସ୍ଥିତି ପରେ ସୁରେଶବାଙ୍କ ସ୍ୱର ଅକସ୍ମାତ ନରମ ହୋଇ ଯାଇଛି । ନବୀନଙ୍କୁ ବର୍ଷିଆନ ଓ ଅଭିଜ୍ଞ ନେତା ବର୍ଣ୍ଣନା କରି ବନ୍ୟା ଓ ବାତ୍ୟା ପରିଚାଳନା ସହ କୋଟିଆ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ତାଙ୍କ ପରାମର୍ଶ ସର୍ବାଦୌ ଗ୍ରହଣୀୟ ବୋଲି କହନ୍ତି । ରାଜନୀତି ଭାଷାରେ ଏହାକୁ କହନ୍ତି ବୋଧୋଦୟ । କେବଳ ରାଜନୈତିକ କଟାକ୍ଷରେ ବିପର୍ଯ୍ୟୟ ମୁକାବିଲା ସମ୍ଭବ ନୁହେଁ, ସମ୍ଭବତଃ ସୁରେଶ ବାବୁ ଏହା ବୁଝି ପାରିଥିବା ମନେ ହେଉଛି । ୧୯୯୯ ମହାବାତ୍ୟା ପରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାରେ ଯେଉଁ ବିସ୍ମୟକର ପରିବର୍ତ୍ତନ ହୋଇଛି; ତାହା ଦିନକରେ ହୋଇନାହିଁ । ଦୀର୍ଘବର୍ଷର ଯୋଜନା ଓ ପ୍ରଶାସନିକ ପ୍ରସ୍ତୁତି ଦ୍ୱାରା ଏହା ସମ୍ଭବ ହୋଇ ପାରିଛି । ଶୂନ୍ୟ ଜୀବନହାନିର ଲକ୍ଷ୍ୟ, ଆଗୁଆ ସ୍ଥାନାନ୍ତର, ଆଶ୍ରୟସ୍ଥଳୀ ଓ ଉଦ୍ଧାରକାରୀ ଦଳର ସମନ୍ୱୟପଛରେ ରହିଛି ବର୍ଷବର୍ଷର ନିରନ୍ତର ପ୍ରୟାସ; ଯାହାକୁ ସୁରେଶ ବାବୁ ଓ ତାଙ୍କ ସରକାର ଏବେ ଉପଭୋଗ କରୁଛନ୍ତି । ରାଜନୀତିରେ ଦଳ ବଦଳେ, ସରକାର ବଦଳେ, କିନ୍ତୁ ଅଭିଜ୍ଞତା ସବୁବେଳେ ଅମୂଲ୍ୟ । ସୁରେଶବାବୁଙ୍କ ପରି ଅଭିଜ୍ଞ ରାଜନେତା ଏହା ନିଶ୍ଚିତ ବୁଝିପାରିଥିବେ । ■

ଏହା କେଉଁ ଅସ୍ମିତାର ପରିଚୟ ?



ଓଡ଼ିଆ ପରମ୍ପରାରେ 'ଅତିଥି ଦେବୋ ଭବଃ' ସବୁଠୁ ଉର୍ଦ୍ଧ୍ୱରେ । ବରିଷ୍ଠ ଓ ବୟସ୍କ ନାଗରିକଙ୍କ ସମ୍ମାନ ତ ତଦୋପରି । ମାତ୍ର ପୁରୀରେ ସରକାର ଏବେ ଆତିଥ୍ୟର ଯେଉଁ ପରିଭାଷା ଦେଖିବାକୁ ମିଳିଛି, ତାହା ରାଜ୍ୟକୁ ଲଜ୍ଜିତ କରିଛି । ଝାଡ଼ଖଣ୍ଡରୁ ଆସିଥିବା ପ୍ରାୟ ତିନିଶହ ଲୋକଙ୍କୁ ରାଜକୀୟ ଆତିଥ୍ୟ ଦେଇ ସରକାର ସେହି ରାଜ୍ୟରେ ପ୍ରଶଂସିତ ହୋଇଛନ୍ତି; ହେଲେ ହବିଷ ପାଳନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସି ପୁରୀରେ ପହଞ୍ଚିଥିବା ଶତାଧିକ ବୃଦ୍ଧାଙ୍କୁ ମାସକ ପାଇଁ ଆଶ୍ରୟ ଦେବାକୁ ସରକାର ବ୍ୟବସ୍ଥା କରିପାରି ନାହାନ୍ତି । ବିଡ଼ମ୍ବନା ହେଉଛି ଆଶ୍ରୟ ତ ଦେବା ଦୂରର କଥା, ପୁଲିସ ଲଗାଇ ସେମାନଙ୍କୁ ହଟାଇ ଦିଆଯାଇଥିବା ଅନେକ ମହିଳା କାନ୍ଦିକାନ୍ଦି କହୁଥିବା ଦେଖିବାକୁ ମିଳିଛି । ପୁରୀ ସହରରେ ଲଜ, ହୋଟେଲ, କଲ୍ୟାଣମଣ୍ଡପର ଅଭାବ ନାହିଁ । ଏପରି ଶହଶହ ସ୍ଥାନ ମଧ୍ୟରୁ ଗୋଟିଏ ସ୍ଥାନ ମାସକ ପାଇଁ ଭଡ଼ାରେ ନିଆଯାଇଥିଲେ କେତେ ଟଙ୍କା ଅବା ଖର୍ଚ୍ଚ ହୋଇଥାଆନ୍ତା? ଅନ୍ୟ ରାଜ୍ୟରୁ ଆସୁଥିବା ଅତିଥିଙ୍କ ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ପଖାଳ ଖିଆରେ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ଶ୍ରୀକ୍ଷେତ୍ରରେ ହବିଷ ପାଳନ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ବୃଦ୍ଧାମାନଙ୍କ ପାଇଁ ଏତିକି ବ୍ୟବସ୍ଥା କ'ଣ ହୋଇ ପାରି ନ ଥାନ୍ତା? ମନ୍ଦିରରେ ଭକ୍ତି, ମଞ୍ଚରେ ସଂସ୍କୃତି ଓ ବିଜ୍ଞାପନରେ ଅସ୍ମିତା କଥା କହିବା ହୁଏତ ସହଜ ହୋଇପାରେ, ମାତ୍ର ଏହାକୁ କାର୍ଯ୍ୟରେ ପରିଣତ କରିବା ଆଦୌ ସହଜ ନୁହେଁ । ଜାତୀୟସ୍ତରରୁ ବିଶିଷ୍ଟ ବ୍ୟକ୍ତି, ଅନ୍ୟ ରାଜ୍ୟରୁ ଆସୁଥିବା ରାଜକୀୟ ଅତିଥିମାନଙ୍କୁ ସମ୍ମାନ ଦେବା ଆମର କର୍ତ୍ତବ୍ୟ । ମାତ୍ର ନିଜ ରାଜ୍ୟର କୋଣ ଅନୁକୋଣରୁ ହବିଷ କରିବାକୁ ପୁରୀରେ ପହଞ୍ଚିଥିବା ବୃଦ୍ଧାମାନଙ୍କୁ ଶ୍ରଦ୍ଧାରେ ଥଇଥାନ କରିବା କ'ଣ ଆମର ଦାୟିତ୍ୱ ନୁହେଁ? ଏହା କେଉଁ ପ୍ରକାର ଅସ୍ମିତା ? ■

ମୃତ ସ୍ୱପ୍ନ, ଅଲୋଡ଼ା ରେକର୍ଡ



ଓଡ଼ିଶାରେ ଲୁହାପଥର, କୋଇଲା, ବକ୍ସାଇଟ୍‌ଠାରୁ ଆରମ୍ଭ କରି ଜଳ, ବିଦ୍ୟୁତ୍, ଜମି ଓ ବନ୍ଦର ପର୍ଯ୍ୟନ୍ତ କୌଣସି ସମ୍ପଦର ଅଭାବ ନାହିଁ । ପ୍ରତିବର୍ଷ ଶିଳ୍ପ ସମ୍ମିଳନୀ ହେଉଛି, ଲକ୍ଷ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସୁଛି, ବୁଝାମଣାପତ୍ର ସ୍ୱାକ୍ଷର ହେଉଛି । ହୋର୍ଡିଂରେ ଦିଶୁଛି ଶିଳ୍ପ ବିପ୍ଳବର ଚିତ୍ର । ହେଲେ ରାଜ୍ୟର ସାଧାରଣ ଯୁବକ ଓ ଶ୍ରମିକଙ୍କୁ ଦୁଇବେଳା ଖାଦ୍ୟ ଯୋଗାଡ଼ ପାଇଁ ଘରଦ୍ୱାର ଛାଡ଼ିବାକୁ ପଡ଼ୁଛି । ଏଠି ଶିଳ୍ପ ବଢ଼ୁଛି ବୋଲି ଘୋଷଣା ହେଉଛି, କିନ୍ତୁ ଓଡ଼ିଆ ଶ୍ରମିକ ଦାଦନ ଖଟିବାକୁ ଯାଉଛି । ଦକ୍ଷିଣ ଭାରତରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରେ ଓଡ଼ିଆ ଶ୍ରମିକଙ୍କ ସଂଖ୍ୟା ବାର ପ୍ରତିଶତ । ପୋଷାକ ପ୍ରସ୍ତୁତିର ମଣ୍ଡି କୁହାଯାଉଥିବା ତିରୁପୁରରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ସଇଁତିରିଶି ପ୍ରତିଶତ ହେଉଛନ୍ତି ଓଡ଼ିଆ । ଦକ୍ଷିଣ ଭାରତରେ ଶିଳ୍ପକୁ ଓଡ଼ିଆ ଶ୍ରମିକମାନେ ସଚଳ କରି ରଖିଛନ୍ତି । ଆମ ଶ୍ରମ ମନ୍ତ୍ରୀ ଗଣେଶରାମବାବୁ ଏ କଥା ଜାଣିଛନ୍ତି କି ନାହିଁ ଆମକୁ ଜଣାନାହିଁ, ହେଲେ ଏହି ତଥ୍ୟ ତାଙ୍କ ବିଭାଗ ପାଇଁ ସବୁଠୁ ବଡ଼ ଆହ୍ୱାନ । ରାଜ୍ୟର ଲୋକଙ୍କୁ ନିଜ ମାଟିରେ କାମ ଦେବା, ଦାଦନ ପ୍ରବାସ ରୋକିବା ତାଙ୍କ ବିଭାଗର ଦାୟିତ୍ୱ । ମାତ୍ର ଯଦି ଓଡ଼ିଆଙ୍କ ପାଇଁ ରୋଜଗାରର ଠିକଣା ତିରୁପୁର, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ କେରଳର କାରଖାନା ହୁଏ; ତେବେ ଏଠାରେ ଶ୍ରମ ବିଭାଗ, ଦାଦନ ଟାସ୍କଫୋର୍ସର କାମ କ'ଣ ? ସରକାର ନିବେଶର ହିସାବ ଦେଉଛନ୍ତି, ବିଭାଗୀୟ ମନ୍ତ୍ରୀ ଶିଳ୍ପର ସଫଳତା ଗଣୁଛନ୍ତି । କିନ୍ତୁ ଓଡ଼ିଆ ଶ୍ରମିକଙ୍କୁ ନିଜ ରାଜ୍ୟରେ କାମ ମିଳୁନାହିଁ । ଓଡ଼ିଆ ଶ୍ରମିକ ଅନ୍ୟ ରାଜ୍ୟରେ କାମ କରି ସେହି ରାଜ୍ୟର ଶିଳ୍ପକୁ ସମୃଦ୍ଧ କରୁଛି । ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ ? ସରକାର ଟିକେ ହେଜନ୍ତୁ । ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରି ରେକର୍ଡ଼ ଭାଙ୍ଗନ୍ତୁ, ଲୋକଙ୍କ ସ୍ୱପ୍ନକୁ ମାରି ଅଲୋଡ଼ା ରେକର୍ଡ କରନ୍ତୁ ନାହିଁ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।



ଭାରତ-ଚୀନ ସମ୍ପର୍କ

ଭାରତ ଏବଂ ଚୀନ ଏସିଆ ମହାଦେଶର ଦୁଇ ଜନ ବହୁଳ ଏବଂ ବୃହତ ରାଷ୍ଟ୍ର । ଦୁଇଟି ପ୍ରମୁଖ ଆଞ୍ଚଳିକ ଶକ୍ତି ବ୍ୟତୀତ ଦ୍ରୁତ ଗତିରେ ପ୍ରଗତି କରୁଥିବା ଦୁଇ ରାଷ୍ଟ୍ର । ପୁରାତନ ସମୟରୁ ହଜାର ହଜାର ବର୍ଷ ଧରି ଦୁଇ ଦେଶ ମଧ୍ୟରେ ସମ୍ପର୍କ ମୁଖ୍ୟତଃ ଶାନ୍ତି ପୂର୍ଣ୍ଣ ରହି ଆସିଥିଲା । ତେବେ ୧୯୪୯ ମସିହାର ଚୀନ ଜନବିପ୍ଳବ ପରେ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସହଯୋଗିତା ଆବଶ୍ୟକ ଥିବା ସ୍ଥଳେ ବାରମ୍ବାର ସୀମା ବିବାଦ ଏବଂ ଅର୍ଥନୈତିକ ଜାତୀୟତାବାଦ ଦୁଇ ଦେଶ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା । ଅନେକ ସମୟରେ ସୀମା ବିବାଦକୁ ନେଇ ଭାରତ-ଚୀନ ସେନା ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଛି । ସାମଗ୍ରିକ ଦୃଷ୍ଟିରୁ ଭାରତ ଏବଂ ଚୀନ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ରହି ଆସିଥିବା ପାରସ୍ପରିକ ସମ୍ପର୍କର ଏକ ବିହଙ୍ଗାବଲୋକନ ଆବଶ୍ୟକ ।




ପ୍ରଦ୍ୟୁମ୍ନ ପଟ୍ଟନାୟକ

ପୃଷ୍ଠଭୂମି

ପ୍ରାଚୀନ କାଳରୁ ଭାରତ ଏବଂ ଚୀନ ମଧ୍ୟରେ ରହି ଆସିଛି ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ବନ୍ଧ । ଭାରତ ଭୂଖଣ୍ଡରୁ ବୌଦ୍ଧ ଧର୍ମ ଚୀନରେ ପ୍ରବେଶ କରିବା, ଦୁଇ ଦେଶର ବୁଦ୍ଧିଜୀବୀ ଏବଂ ପରିବ୍ରାଜକ ପରସ୍ପରଙ୍କ ରାଷ୍ଟ୍ର ଭ୍ରମଣ କରିବା, ବ୍ୟବସାୟ ବାଣିଜ୍ୟ ନିମିତ୍ତ ସିଲ୍କ ପଥ ବ୍ୟବହାର କରିବା ବହୁ ପୁରାତନ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ବ୍ରିଟିଶ ଶାସିତ ଭାରତ ଏବଂ ଚୀନ ମିଶି ତତ୍କାଳୀନ ସାମ୍ରାଜ୍ୟବାଦୀ ଜାପାନ ବିରୁଦ୍ଧରେ ଲଢ଼ିଥିଲେ। ଭାରତ ସ୍ୱାଧୀନ ହେବା ପରେ, ଚୀନ ସହ ସମ୍ପର୍କ ସ୍ଥାପନ କରିଥିଲା । ୧୯୫୦ ମସିହାରେ ଚୀନର ସତ୍ତା ପରିବର୍ତ୍ତନ ପରେ କୂଟନୈତିକ ଏବଂ ଅର୍ଥନୈତିକ ପ୍ରଭାବର ବୃଦ୍ଧି ଦ୍ୱିପାକ୍ଷିକ ସଂପର୍କକୁ ପ୍ରଭାବିତ କରିଆସିଛି । ୨୦୦୮ ରୁ ୨୦୨୧ ମସିହା ମଧ୍ୟରେ ଚୀନ ଭାରତର ବୃହତ୍ତମ ବ୍ୟାବସାୟିକ ଅଂଶୀଦାର ରୂପେ ପରିଗଣିତ ହୋଇଥିଲା । ତା' ସହ ପ୍ରକୃତ ସୀମା ରେଖାକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ଫଳରେ ୧୯୬୨ ମସିହାରେ ଯୁଦ୍ଧ, ୧୯୬୭ ଏବଂ ୧୯୮୭ ମସିହାରେ ଦୁଇ ପକ୍ଷ ସମ୍ନା ସାମ୍ନି ହୋଇଛନ୍ତି । ସେହିପରି ୧୯୮୬ ମସିହାର ଚୁକ୍ତି ଦୁଇ ଦେଶ ମଧ୍ୟରେ କୂଟନୈତିକ ସଂପର୍କ ବୃଦ୍ଧି ସହ ସୀମାରେ ଅସ୍ତ୍ରଶସ୍ତ୍ର ଗୋଳା ବାରୁଦ ପ୍ରୟୋଗକୁ ନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ଥିଲା । ସୀମାରେ ଉତ୍ତେଜନା ହ୍ରାସ କରିବା ଦିଗରେ ଦୁଇ ପକ୍ଷ ମଧ୍ୟରେ ବିଭିନ୍ନ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

ଐତିହାସିକ ସମ୍ପର୍କ

ପ୍ରଥମ ଶତାବ୍ଦୀ ଆରମ୍ଭରୁ ଦୁଇ ଦେଶର ଅନେକ ସାଧୁସନ୍ଥ ପରିବ୍ରାଜକ ଉଭୟ ଦେଶ ଭ୍ରମଣ କରି ସଂସ୍କୃତିର ଆଦାନ ପ୍ରଦାନ କରିବାରେ ସହାୟକ ହୋଇଥିଲେ । ଓଡ଼ିଶାରେ ଭୋଇ ବଂଶର ରାଜୁତି ସମୟରେ ଚୀନ ସହ ସମୁଦ୍ର ପଥରେ ବାଣିଜ୍ୟିକ ସମ୍ବନ୍ଧ ଥିଲା । ସେପରି ଦାକ୍ଷିଣାତ୍ୟରେ ଟିପୁ ସୁଲତାନଙ୍କ ରାଜତ୍ୱ କାଳରେ ଚୀନରେ ବ୍ୟବହୃତ ଚିନି ଉତ୍ପାଦନ ପ୍ରକ୍ରିୟା ଭାରତରେ ଅନୁସରଣ କରିବା ସହ ଚୀନକୁ ଭାରତରୁ ଚନ୍ଦନ କାଠ ରପ୍ତାନି ହେଉଥିଲା । ଏକଦା ଭାରତର ଶିଖ ସାମ୍ରାଜ୍ୟ ବ୍ୟାପି ଲଦାଖକୁ ଜାମ୍ମୁ ରାଜ୍ୟରେ ମିଶାଇ ଦେଇଥିଲା ।



ସ୍ୱାଧୀନତା ପରବର୍ତ୍ତୀ ସଂପର୍କ

ଭାରତ ସ୍ୱାଧୀନ ହେବା ପରେ ଚୀନ ସହ ସୁସମ୍ପର୍କ ସ୍ଥାପିତ କରିଥିଲା । ଚୀନର ପିପୁଲ୍‌ସ ଲିବରେସନ୍ ଆର୍ମି କ୍ଷମତାକୁ ଆସିବା ସହ ଭାରତ ବି ୧୯୫୦ରେ ସାର୍ବଭୌମ ଗଣତନ୍ତ୍ରରେ ପରିଣତ ହୋଇଥିଲା । ୧୯୫୦ ଦଶକରେ ଭାରତ ଏବଂ ଚୀନ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ସକାରାତ୍ମକ ପଞ୍ଚଶୀଳ ନୀତି ଉପରେ ଆଧାରିତ ଥିଲା । ପଞ୍ଚଶୀଳ ବୈଦେଶିକ ନୀତିର ଭିତ୍ତିଭୂମି ଥିଲା ଶାନ୍ତି ପୂର୍ଣ୍ଣ ସହାବସ୍ଥାନ । ପଞ୍ଚଶୀଳ ନୀତି ଉପରେ ଆଧାରିତ ଚୀନ ସହ ସମ୍ପର୍କ ଯେ ଦୀର୍ଘସ୍ଥାୟୀ ନୁହଁ ତାହା ଅନୁଭୂତ ହେଲା ଯେବେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଉପଲବ୍ଧି କଲେ ଯେ ତିବ୍ବତକୁ ନେଇ ଦୁଇ ଦେଶ ମଧ୍ୟରେ ଦ୍ୱନ୍ଦ୍ୱ ରହିଛି । ଚୀନ ତରଫରୁ ଆଶଙ୍କା ଥିଲା ଯେ ଭାରତ ଏସିଆ ମହାଦେଶରେ ନିଜର ପ୍ରଭାବ ବିସ୍ତାର କରିବାକୁ ଯାଉଛି ଏବଂ ବ୍ରିଟିଶ ଇଣ୍ଡିଆ ଭଳି ଭାରତ ମହାସାଗରରେ ମଧ୍ୟ ନିଜର ପ୍ରଭାବ ବିସ୍ତାର କରିବ । ଚୀନ ଅନୁସାରେ ତିବ୍ବତ ତା'ର ସୀମା ଅନ୍ତର୍ଭୁକ୍ତ । ମାଓ ସେ ତୁଙ୍ଗଙ୍କ ମନ୍ତବ୍ୟ ଥିଲା ଯେ, ତିବ୍ବତରେ ଭାରତର ହସ୍ତକ୍ଷେପ ଚୀନର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ସଦୃଶ । କିନ୍ତୁ ଭାରତର ପକ୍ଷ ରଖି ନେହେରୁ ଜଣାଇ ଦେଇଥିଲେ ଯେ, ଭାରତର ତିବ୍ବତକୁ ନେଇ କେବଳ ପାରମ୍ପରିକ ବ୍ୟବସାୟ ବ୍ୟତୀତ କୌଣସି ରାଜନୈତିକ ଅଭିସନ୍ଧି ନାହିଁ । ୧୯୫୪ ମସିହା ଭାରତ ଚୀନ ଚୁକ୍ତି ଅନୁଯାୟୀ, ଭାରତ ମାନି ନେଇଥିଲା ଯେ ତିବ୍ବତ ଚୀନର ଅଂଶ ବିଶେଷ ଏବଂ ଚୀନ ଭାରତର ପୂର୍ବ ବ୍ୟବସାୟକୁ ସ୍ୱୀକୃତି ଦେଇଥିଲା । ୧୯୫୯ ମସିହା ଯାଏ ଭାରତ ଏବଂ ଚୀନ ମଧ୍ୟରେ ଦୁଇଟି ସୀମା ବିବାଦ ନିଷ୍କ୍ରିୟ ରହିଥିଲା । ସେ ହେଲା ବ୍ରିଟିଶ୍ ଭାରତର ସୀମା ମ୍ୟାକ୍ ମୋହନ ଲାଇନ ଯାଏ ବିସ୍ତୃତ ଯାହା ଚୀନ କେବେ ମାନିବାକୁ ପ୍ରସ୍ତୁତ ନଥିଲା । ଅନ୍ୟଟି ହେଲା ଅକ୍ସାଇ ଚୀନ ଯାଏ ଭାରତର ଭୂଖଣ୍ଡକୁ ଚୀନ ନିଜର ବୋଲି କହୁଥିଲା ।

୧୯୫୯ ମସିହାରେ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା ତିବ୍ବତରୁ ଆସି ଭାରତରେ ଆଶ୍ରୟ ନେଲେ ଏବଂ ନିର୍ବାସନରେ ତିବ୍ବତ ସରକାର ସ୍ଥାପିତ କରିଥିଲେ । ଦଲାଇ ଲାମାଙ୍କୁ ଆଶ୍ରୟ ଦେବା ଫଳରେ ଭାରତ ଚୀନ ସମ୍ପର୍କରେ ତିକ୍ତତା ବଢ଼ିଥିଲା ।

ବଦଳୁ ଥିବା ସଂପର୍କ

୧୯୮୦ ମସିହାରେ ଇନ୍ଦିରା ଗାନ୍ଧୀ ସରକାର ପ୍ରକୃତ ନିୟନ୍ତ୍ରଣ ରେଖାରେ ସୈନ୍ୟ ମୁତୟନ କରିବା ସହ ସେ ଅଞ୍ଚଳରେ ଭିତ୍ତିଭୂମି ସ୍ଥାପନ ନିମିତ୍ତ ଯୋଜନା ମଞ୍ଜୁର କରିଥିଲେ । ତା' ପରେ ୧୯୮୧ ରୁ ୧୯୮୭ ମସିହା ମଧ୍ୟରେ ଆଠଥର ସୀମାକୁ ନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା ।

୨୦୦୩ ମସିହାରେ ଚୀନ ସରକାର ସିକ୍କିମକୁ ଭାରତର ଏକ ରାଜ୍ୟ ଭାବେ ମାନିନେବା ସହ ଭାରତ ତିବ୍ବତକୁ ଚୀନର ଅଂଶ ରୂପେ ସ୍ୱୀକାର କରିବାକୁ କହିଥିଲା । ୨୦୦୬ ମସିହାରେ ଭାରତ ଏବଂ ଚୀନ ନାଥୁଲା ପାସ୍‌କୁ ବାଣିଜ୍ୟ ନିମିତ୍ତ ଖୋଲି ନେଇଥିଲେ ।

ଅଗଷ୍ଟ ୨୦୨୩ରେ ହୋଇଥିବା ବ୍ରିକ୍ସ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ଏବଂ ଚୀନର ରାଷ୍ଟ୍ରପତିଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ୍ ସମୟରେ ଉଭୟ ସୀମା ଉତ୍ତେଜନାକୁ ହ୍ରାସ କରିବାକୁ ସହମତ ହୋଇଥିଲେ । ସେପ୍ଟେମ୍ବର ୨୦୨୫ରେ ପୁଣି ଦୁଇ ଦେଶର ରାଷ୍ଟ୍ରମୁଖ୍ୟ ଦୁଇ ଦେଶ ପ୍ରତିଦ୍ୱନ୍ଦ୍ୱିତା ବଦଳରେ ସହଭାଗିତା ଆଧାରରେ କାର୍ଯ୍ୟ କରିବାକୁ ରାଜି ହୋଇଥିଲେ । ଦୁଇ ଦେଶ ମଧ୍ୟରେ ସିଧା ଉଡ଼ାଣ, ଭ୍ରମଣ ଭିସା, କୈଳାଶ ମାନସରୋବର ଯାତ୍ରା ଆଦିକୁ ଚାଲୁ କରିବା ନେଇ ନିଷ୍ପତ୍ତି ନେଇଥିଲେ ଯାହା କରୋନା ସମୟରୁ ବନ୍ଦ ହୋଇ ଯାଇଥିଲା । ସେପ୍ଟେମ୍ବର ୨୦୨୬ ମସିହାରେ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବାକୁ ଭାରତ ଆସିଥିବା ଚୀନ ରାଷ୍ଟ୍ରପତିଙ୍କ ସହ ହୋଇଥିବା ଆଲୋଚନାରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଅସନ୍ତୁଳନ, ବଜାରରେ ପ୍ରବେଶ, ଗମନାଗମନ, ଅର୍ଥନୈତିକ ସମ୍ବନ୍ଧ ଆଦି ନେଇ ଆଲୋଚନା ଦୁଇ ଦେଶ ମଧ୍ୟରେ ସମ୍ବନ୍ଧକୁ ବୃଦ୍ଧି କରିବାରେ ସକାରାତ୍ମକ ପଦକ୍ଷେପ ଥିଲା ।

ଚୀନ ଏବଂ ଭାରତ ମଧ୍ୟରେ ବର୍ଷ ବର୍ଷ ଧରି ସାଂସ୍କୃତିକ ଏବଂ ଅର୍ଥନୈତିକ ସଂପର୍କ ରହି ଆସିଥିଲେ ମଧ୍ୟ ଦୁଇ ଦେଶ ମଧ୍ୟରେ ଅକ୍ସାଇ ଚୀନ, ତିବ୍ବତ, ଅରୁଣାଚଳ ପ୍ରଦେଶ ଆଦି କେତେକ ଅଞ୍ଚଳକୁ ନେଇ ବିବାଦୀୟ ଆଭିମୁଖ୍ୟ ଫଳରେ ସମୟ ସମୟରେ ଅବିଶ୍ୱସନୀୟତା ଲାଗି ରହିଛି । ତେଣୁ ବାରମ୍ବାର ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ନିମିତ୍ତ ଆଲୋଚନା, ଚୁକ୍ତି ମାଧ୍ୟମରେ ପ୍ରୟାସ ଫଳରେ ୧୯୬୨ ପରେ ଆଉ ସଂପୂର୍ଣ୍ଣ ଯୁଦ୍ଧର ପରିସ୍ଥିତି ସୃଷ୍ଟି ହୋଇନାହିଁ । ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱର ସବୁଠାରୁ ଜନ ବହୁଳ ଦୁଇ ଦେଶ ମଧ୍ୟରେ ସହଯୋଗିତା ଏବଂ ସହଭାଗିତା ଆଧାରରେ କାର୍ଯ୍ୟ କରିବା ଆବଶ୍ୟକ । ■

ଅବସରପ୍ରାପ୍ତ ନିର୍ଦ୍ଦେଶକ , ରକ୍ଷା ମନ୍ତ୍ରାଳୟ, ଭାରତ ସରକାର, ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର, ଜୟଦୁର୍ଗା ନଗର
ଭୁବନେଶ୍ୱର -୭୫୧୦୦୬, ମୋ: ୯୯୬୮୨୮୦୮୯୬


କେମିତି କଟିବ ସପ୍ତାହ



ମେଷ: ରବିବାର କୌଣସି କାର୍ଯ୍ୟରେ ଅବହେଳା କରନ୍ତୁ ନାହିଁ । ସୋମ, ମଙ୍ଗଳ, ବୁଧବାରରେ ଅଯଥା ଚିନ୍ତା ନ କରି ନିଜ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରନ୍ତୁ । ଗୁରୁ, ଶୁକ୍ର, ଶନିବାରରେ ଶତ୍ରୁମାନଙ୍କ କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । ଯାତାୟାତ ସମୟରେ ସାବଧାନ ରୁହନ୍ତୁ ।




ବୃଷ: ରବିବାରରେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ । ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କଠାରୁ ଦୂରେଇ ରୁହନ୍ତୁ । ସୋମ, ମଙ୍ଗଳ, ବୁଧବାରରେ ସମାଜରେ ମାନସମ୍ମାନର ଅଧିକାରୀ ହେବେ । ଆଶା କରିଥିବା ଦିଗରୁ ଲାଭ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ଅସହାୟ ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ ।



ମିଥୁନ: ରବିବାରରେ ପ୍ରିୟଜନଙ୍କ ପାଇଁ ବ୍ୟସ୍ତ ହୋଇପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ସହକର୍ମୀଙ୍କ ସହଯୋଗ ପାଇଁ ସହଜରେ କାର୍ଯ୍ୟ କରିବେ । ଶାରୀରିକ ଅସୁସ୍ଥତା ଦେଖାଦେଇପାରେ । ଗୁରୁ,ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀମାନେ ବିଦେଶ ଯାତ୍ରା କରିପାରନ୍ତି । ଦାମ୍ପତ୍ୟ ଜୀବନରେ ଶାନ୍ତି ଅତୁଟ ରହିବ ।




କର୍କଟ: ରବିବାରରେ ନିଜ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିବେ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ଉପସ୍ଥିତବୁଦ୍ଧି ପ୍ରୟୋଗ କରି ପରିସ୍ଥିତିକୁ ସମ୍ଭାଳି ନେବେ । ଗୁରୁ, ଶୁକ୍ର, ଶନିବାରରେ ମାନସିକ ଅଶାନ୍ତିରେ ରହିପାରନ୍ତି । ବିଭିନ୍ନ କ୍ଷେତ୍ରରେ ପ୍ରତିରୋଧର ସାମନା କରିବେ ।




ସିଂହ: ରବିବାରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ସହଯୋଗ ପାଇ ଆଗକୁ ବଢ଼ିବେ । ସୋମ, ମଙ୍ଗଳ, ବୁଧବାରରେ ଦୀର୍ଘଦିନର ଆଶା ନିରାଶରେ ପରିଣତ ହୋଇପାରେ । କର୍ମକ୍ଷେତ୍ରରେ କାର୍ଯ୍ୟଭାର ବୃଦ୍ଧି ପାଇବ । ଗୁରୁ, ଶୁକ୍ର, ଶନିବାରରେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହୁଅନ୍ତୁ । ଭବିଷ୍ୟତ ପାଇଁ ଯୋଜନା କରିବେ ।




କନ୍ୟା: ରବିବାର ଜୀବନରେ କିଛି କଠିନ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପଡ଼ିପାରେ । ସୋମ, ମଙ୍ଗଳ, ବୁଧବାରରେ ନିଜ ବାକ୍ୟ ତଥା କ୍ରୋଧ ଉପରେ ନିୟନ୍ତ୍ରଣ ରକ୍ଷା କରନ୍ତୁ । ଗୁରୁ, ଶୁକ୍ର, ଶନିବାରରେ ଅଟକି ରହିଥିବା କାର୍ଯ୍ୟ ନିଜ ଲୋକଙ୍କ ସହଯୋଗରେ ପୂର୍ଣ୍ଣ ହେବେ ।



ତୁଳା: ରବିବାରରେ କର୍ମକ୍ଷେତ୍ରରେ ଅବହେଳା କରି କଷ୍ଟ ପାଇପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି । ବ୍ୟବସାୟରେ କ୍ଷତି ସହିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ଆଗୁଆ ରହିବେ । ମହିଳାମାନେ ସ୍ୱାବଲମ୍ବୀ ହେବେ ।




ବିଛା: ରବିବାର ଅକସ୍ମାତ୍ ଖର୍ଚ୍ଚାନ୍ତ ହେବେ । ସୋମ, ମଙ୍ଗଳ, ବୁଧବାରରେ ଆର୍ଥିକ କାରବାର ସମୟରେ ସତର୍କ ରୁହନ୍ତୁ । ଗୁରୁ, ଶୁକ୍ର, ଶନିବାରରେ ଧାର୍ମିକ କାର୍ଯ୍ୟରେ ଯୋଡ଼ି ହେବେ । ପ୍ରେମ ଓ ଦାମ୍ପତ୍ୟ ଜୀବନରେ ମଧୁରତା ରହିବ ।




ଧନୁ: ରବିବାରରେ ପିଲାଙ୍କ ପାଇଁ ଚିନ୍ତିତ ରହିବେ । ପରିବାର ସହ ଅଧିକ ସମୟ କଟାଇବେ । ସୋମ, ମଙ୍ଗଳ, ବୁଧବାରରେ କୋର୍ଟକଚେରୀ ମାମଲାରେ ପଡ଼ି ଯାଇପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଅନେକ ଦିନରୁ ପଡ଼ିଥିବା କାର୍ଯ୍ୟ ପୂରଣ ହେବ । ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଉପୁଜିପାରେ ।



ମକର: ରବିବାରରେ କର୍ମକ୍ଷେତ୍ରରେ ସମ୍ମାନ ପାଇବେ । ବନ୍ଧୁମାନେ ନିଜର ଫାଇଦା ହାସଲ ପାଇଁ ଉଦ୍ୟମ କରିବେ । ସୋମ,ମଙ୍ଗଳ, ବୁଧବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇପାରେ । ଗୁରୁ,ଶୁକ୍ର,ଶନିବାରରେ ଆର୍ଥିକ କ୍ଷେତ୍ରରେ ବାଧା ସୃଷ୍ଟି ହେବ ।



କୁମ୍ଭ: ରବିବାରରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ । ସୋମ, ମଙ୍ଗଳ, ବୁଧବାରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କଠାରୁ ଉପକୃତ ହେବେ । ଗୁରୁ, ଶୁକ୍ର, ଶନିବାରରେ ସାହିତ୍ୟ, କଳା ଓ ରଚନା ପ୍ରତି ଆଗ୍ରହ ଦେଖାଇବେ । ବ୍ୟବସାୟରେ ଆଶାନୁରୂପ ଲାଭ ପାଇବେ ।



ମୀନ: ରବିବାରରେ ନୂତନ ନିଯୁକ୍ତି ସହ ଧନସମ୍ପତ୍ତି ବୃଦ୍ଧି ହୋଇପାରେ । ସୋମ,ମଙ୍ଗଳ, ବୁଧବାରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ପୂର୍ଣ୍ଣ ସହଯୋଗ ପାଇବେ । ବିଦେଶ ଯାତ୍ରା କରିପାରନ୍ତି । ଗୁରୁ,ଶୁକ୍ର,ଶନିବାରରେ କର୍ମକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ । ମହିଳାମାନେ ସ୍ୱାବଲମ୍ବୀ ହେବେ । ■